ବର୍ଷ-୨୪, ସଂଖ୍ୟା-୨୮୫
ଭୁବନେଶ୍ୱର
୧୯ ନଭେମ୍ବର, ୨୦୨୪ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 285
Bhubaneswar
19 November, 2024 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ନିମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୮।୧୧(ମହାଭାରତ):** ସିଙ୍ଗାପୁରରେ ଓଡିଶା ପ୍ରତିନିଧି ଦଳର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଆଜି ଶିଳ୍ପ ଅଭିବୃଦ୍ଧି ଏବଂ ଦକ୍ଷତା ବିକାଶର ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କରିଛନ୍ତି। ପ୍ରଥମେ ସୁରବାନା ଜୁରୋଙ୍ଗ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସର ବିସ୍ତୃତ ଯାତ୍ରା ସହିତ ଆରମ୍ଭ ହୋଇଥିଲା, ଯେଉଁଠାରେ ପ୍ରତିନିଧି ବିଶ୍ୱସ୍ତରୀୟ ଭିତ୍ତିଭୂମି ଦେଖିଥିଲେ। ଯାହା ସୁରବାନା ଜୁରୋଙ୍ଗଙ୍କୁ ପେଟ୍ରୋକେମିକାଲ୍ ପ୍ରକ୍ରିୟାକରଣରେ ବିଶ୍ୱସ୍ତରୀୟ ଅଗ୍ରଣୀ କରିପାରିଛି। ଭାରତର ପୂର୍ବ ସମୁଦ୍ରରେ ଅବସ୍ଥିତ ଓଡ଼ିଶା ପେଟ୍ରୋକେମିକାଲ୍ସ ଏବଂ ରାସାୟନିକ ପଦାର୍ଥ ପାଇଁ ବଙ୍ଗୋପସାଗରରେ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ସ୍ଥଳ ଭାବରେ ଦ୍ରୁତ ଗତିରେ ଉଭା ହେଉଥିବାରୁ ଏହି ପରିଦର୍ଶନ ବିଶେଷ ମହତ୍ୱପୂର୍ଣ୍ଣ ଅଟେ।

ସିଙ୍ଗାପୁରର ପେଟ୍ରୋକେମିକାଲ୍ସ ଇକୋସିଷ୍ଟମରୁ ଅନ୍ତର୍ନିହିତ ସୂଚନା ଦେଇ ପାରାଦୀପରେ ନିଜର ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଣ୍ଟ ରିଜିଅନ୍‌କୁ ଆହୁରି ବୃଦ୍ଧି କରିବାକୁ ଓଡିଶା ଲକ୍ଷ୍ୟ ରଖିଛି।ଜୁରୋଙ୍ଗ ଗସ୍ତ ପରେ ଏହି ପ୍ରତିନିଧୀ ଦଳ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ତଥା ବାଣିଜ୍ୟ ଓ ବାଣିଜ୍ୟ ମନ୍ତ୍ରୀ ଗାନ୍ କିମ ୟଙ୍ଗଙ୍କ ସହ ପ୍ରଥମ ବୈଠକରେ ଯୋଗ ଦେଇଥିଲେ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉପ-ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ଏବଂ ବୋଇତ ବନ୍ଦାଣ, ପାରମ୍ପାରିକ ଓଡିଆ ସାମୁଦ୍ରିକ ତଥା ନୌସେନା ପର୍ବ ବିଷୟରେ ଅବଗତ କରାଇଥିଲେ।ମୁଖ୍ୟମନ୍ତ୍ରୀ ଉପ-ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜରିଆରେ ସିଙ୍ଗାପୁରର କମ୍ପାନୀମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଜଣାଇଥିଲେ। ଏଥିସହ ଉପ-ପ୍ରଧାନମନ୍ତ୍ରୀଙ୍କୁ ଉତ୍କଳ ଓଡ଼ିଶା: ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫ ପାଇଁ ଓଡ଼ିଶା ଗସ୍ତ କରିବାକୁ ଆମନ୍ତ୍ରଣ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ପ୍ରତିନିଧି ଦଳ ସିଙ୍ଗାପୁରର ବରିଷ୍ଠ ମନ୍ତ୍ରୀ ବରିଷ୍ଠ ମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍‌ଙ୍କୁ ମଧ୍ୟ ଭେଟିଥିଲେ।ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ସରକାର ଏବଂ ଆଇଟିଇଏସର ସକ୍ରିୟ ସହଯୋଗ ବିଷୟରେ ଆଲୋଚନା କରିଛନ୍ତି ଯାହା ଓଡିଶାରେ ବିଶ୍ୱଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରିବାରେ ସାହାଯ୍ୟ କରିଛି। ଯାହା ସଫଳ ସହଭାଗୀତାର ଏକ ଉଜ୍ଜ୍ୱଳ ଉଦାହରଣ ଅଟେ। ଓଡିଶା ଏବଂ ସିଙ୍ଗାପୁର ମଧ୍ୟରେ ଅର୍ବାନ ମୋବିଲିଟି, ଗ୍ରୀନ୍ ସିପିଂ କରିଡର ଏବଂ କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଅଧିକ ସହଭାଗୀତାର ଆବଶ୍ୟକତା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଶିଳ୍ପ ମନ୍ତ୍ରୀ ମଧ୍ୟ ଉତ୍କର୍ଷ ଓଡ଼ିଶାରେ ଅଂଶଗ୍ରହଣ କରିବାକୁ ବୈଦେଶିକ ମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି।ଭାରତର ପୂର୍ବ ସମୁଦ୍ର କୂଳରେ ଅବସ୍ଥିତ ଓଡ଼ିଶା ବେଙ୍ଗାଲୁରୁ ଉପକୂଳରେ ବିଶେଷ କରି ପେଟ୍ରୋକେମିକାଲ୍ କ୍ଷେତ୍ରରେ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ଲକ୍ଷ୍ୟ ଭାବରେ ଦ୍ରୁତ ଗତିରେ ଉଭା ହେଉଛି ପାରାଦୀପ ଏବଂ ଅନ୍ୟ ପୋର୍ଟ-ଆଧାରିତ ହବ୍ଗୁଡ଼ିକର ବିକାଶ ଏହି ଅଭିବୃଦ୍ଧି ପାଇଁ ପ୍ରମୁଖ ଡ୍ରାଇଭର ଅଟେ। ଏହି ଅବସରରେ ସିଙ୍ଗାପୁରର ମୁଦ୍ରା ପ୍ରାଧିକରଣ ମୁଖ୍ୟ ଫିନଟେକ୍ ଅଧିକାରୀ ସ୍ୱପ୍ନେନ୍ଦୁ ମହାନ୍ତିଙ୍କ ସହ ବୈଠକ କରି ଫିଣ୍ଟେକ୍ କ୍ଷେତ୍ରରେ ନୂତନତ୍ୱ ବିଷୟରେ ବିଶେଷ କରି ଓଡିଶାର ଅଭିବୃଦ୍ଧିଶୀଳ ଅର୍ଥନୀତି ଉପରେ ଆଲୋଚନା କରିଥିଲେ।

### ଜି୨୦ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

# କ୍ଷୁଧା ଓ ଦାରିଦ୍ର୍ୟ ମୁକାବିଲାରେ ଭାରତ ସଫଳ

ନୂଆଦିଲ୍ଲୀ,୧୮।୧୧(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି 'ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ କ୍ଷୁଧା ଏବଂ ଦାରିଦ୍ର୍ୟ ବିରୋଧରେ ଲଢ଼େଇ' ଶୀର୍ଷକ ଜି-୨୦ ଶିଖର ସମ୍ମିଳନୀର ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଛନ୍ତି।



ପ୍ରଧାନମନ୍ତ୍ରୀ ବ୍ରାଜିଲ ରାଷ୍ଟ୍ରପତି ମହାମହିମ ଲୁଇସ ଇନାସିଓ ଲୁଲା ଡା ସିଲଭାଙ୍କୁ ଶିଖର ସମ୍ମିଳନୀ ଆୟୋଜନ କରିଥିବାରୁ ଏବଂ ତାଙ୍କର ଉଦାର ଆତିଥ୍ୟ ପାଇଁ ଧନ୍ୟବାଦ ଜଣାଇଥିଲେ। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେଇ ବ୍ରାଜିଲର ଜି-୨୦ ଏଜେଣ୍ଡାକୁ ସେ ପ୍ରଶଂସା କରି କହିଥିଲେ ଯେ ଏହି ଆଭିମୁଖ୍ୟ ଗ୍ଲୋବାଲ୍ ସାଉଥ ବା ବିକାଶଶୀଳ ସମସ୍ୟାଗୁଡିକ ଉପରେ ଆଲୋକପାତ କରିଛି ଏବଂ ନୂଆଦିଲ୍ଲୀ ଜି-୨୦ ଶିଖର ସମ୍ମିଳନୀର ଲୋକାଭିମୁଖୀ ନିଷ୍ପତ୍ତିକୁ ଆଗେଇ ନେଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ଜି-୨୦ ଅଧ୍ୟକ୍ଷତାରେ 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ଆହ୍ୱାନ ରିଓ ଆଲୋଚନାରେ ପ୍ରତିଫଳିତ ହେଉଛି। କ୍ଷୁଧା ଓ ଦାରିଦ୍ର୍ୟ ମୁକାବିଲା ପାଇଁ ଭାରତର ପଦକ୍ଷେପ ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଭାରତ ଗତ ଦଶ ବର୍ଷ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିଛି ଏବଂ ଦେଶର ୮୦୦ ନିୟୁତ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ବଣ୍ଟନ କରୁଛି। ଖାଦ୍ୟ ନିରାପତ୍ତା ମୁକାବିଲାରେ ଭାରତର ସଫଳତା ବିଷୟରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ମୌଳିକତାକୁ ଫେରିବା ଓ ଭବିଷ୍ୟତ ଦିଗରେ ଅଗ୍ରସର ହେବା ଉପରେ ଆଧାରିତ ଏହାର ଆଭିମୁଖ୍ୟର ପରିଣାମ ଦେଖିବାକୁ ମିଳୁଛି। ମହିଳାଙ୍କ ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ଗ୍ରହଣ କରିଥିବା ପଦକ୍ଷେପ ବିଷୟରେ ସେ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ।

ଆଫ୍ରିକା ଏବଂ ଅନ୍ୟାନ୍ୟ ସ୍ଥାନରେ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଭାରତ ଗ୍ରହଣ କରିଥିବା ପଦକ୍ଷେପ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କ୍ଷୁଧା ଏବଂ ଦାରିଦ୍ର୍ୟ ବିରୋଧରେ ଏକ ବିଶ୍ୱସ୍ତରୀୟ ମେଣ୍ଟପ୍ରତିଷ୍ଠା ପାଇଁ ବ୍ରାଜିଲର ପଦକ୍ଷେପକୁ ସ୍ୱାଗତ କରିଥିଲେ ଏବଂ ଦର୍ଶାଇଥିଲେ ଯେ ଚାଲିଥିବା ସଂଘର୍ଷ ଦ୍ୱାରା ସୃଷ୍ଟି ହୋଇଥିବା ଖାଦ୍ୟ, ଇନ୍ଧନ ଓ ସାର ସଙ୍କଟ କାରଣରୁ ଦକ୍ଷିଣ ବିଶ୍ୱ ଗୁରୁତର ଭାବରେ ପ୍ରଭାବିତ ହୋଇଛି ଏବଂ ତେଣୁ ସେମାନଙ୍କ ଚିନ୍ତାକୁ ପ୍ରାଥମିକତା ଦିଆଯିବା ଉଚିତ।

# ପରଲୋକରେ ସମୀର ଦେ

**କଟକ,୧୮।୧୧(ମହାଭାରତ):** ପୂର୍ବତନ ମନ୍ତ୍ରୀ ତଥା ବିଜେପି ଦଳର ବରିଷ୍ଠ ନେତା ସମୀର ଦେ ଆଉ ନାହାନ୍ତି। ୬୭ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ କଟକର ଏକ ଘରୋଇ ହସପିଟାଲରେ ତାଙ୍କର ପରଲୋକ ଘଟିଛି। ସେ ନିମୋନିଆ, କିଡ୍‌ନୀ, ରକ୍ତଚାପ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ଦେହାନ୍ତରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଶାସକ ଓ ବିରୋଧୀ ଦଳର ବହୁ ନେତାମାନେ ଶୋକପ୍ରକାଶ କରିଛନ୍ତି। ତାଙ୍କର ଶେଷ କୃତ୍ୟ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### କଟକ ସହରରୁ ୩ ଥର ବିଧାୟକ

### ମେଣ୍ଟ ସରକାରରେ ଉଚ୍ଚଶିକ୍ଷା ଓ ନଗର ଉନ୍ନୟନ ମନ୍ତ୍ରୀ ଥିଲେ

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକପ୍ରକାଶ



୧୯୫୭ ଜାନୁଆରୀ ୧୦ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୯୫ ମସିହାରେ ପ୍ରଥମେ ଭାରତୀୟ ଜନତା ପାର୍ଟିରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ।କଟକ ସିଟି ବିଧାନସଭା ଆସନରୁ ସେ ପ୍ରଥମେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।ଏହାପରେ ୨୦୦୦ ମସିହା ଓ ୨୦୦୪ରେ ଲଗାତର ଭାବେ ସେ କଟକ ସିଟି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୦ ମସିହାରେ ସେ ରାଜ୍ୟ ସରକାରରେ ନଗର ଉନ୍ନୟନ ମନ୍ତ୍ରୀ, ସାଧାରଣ ଅଭିଯୋଗ ଓ ପେନସନ ବିଭାଗର ମନ୍ତ୍ରୀ ଥିଲେ। ୨୦୦୪ରେ ସେ ଉଚ୍ଚ ଶିକ୍ଷା ମନ୍ତ୍ରୀ, ସାଧାରଣ ଅଭିଯୋଗ ଓ ପେନସନ ବିଭାଗର ମନ୍ତ୍ରୀ ଥିଲେ। ଏହା ସହ ସେ ବିଧାନସଭାର ବିଭିନ୍ନ କମିଟି ଦାୟିତ୍ୱରେ ବି ଥିଲେ। ସେ ଓଡ଼ିଶା ଅଲିମ୍ପିକ୍ସ ଆସିଏସନର ସଭାପତି ଓ ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ମଧ୍ୟ ସଭାପତି ଦାୟିତ୍ୱ ତୁଲାଇଥିଲେ।

# ଭିଜିଲାନ୍ସ ଜାଲରେ ବଡ଼ ମାଛ

### ଉପଜିଲ୍ଲାପାଳ, ଡିଜିଏମ୍ ଓ ଡାକ୍ତରଙ୍କ ମାଲ ମାଲ କୋଠା ଓ ଟଙ୍କା

### ଡିଜିଏମ୍‌ଙ୍କ ଘରୁ ବାହାରିଲା ୧ କେଜି ସୁନା





**ଭୁବନେଶ୍ୱର,୧୮।୧୧(ମହାଭାରତ):** ଆଜି ଭିଜିଲାନ୍ସ ପକ୍ଷରୁ ବଡ଼ଧରଣର ଚଢାଉ କରାଯାଇଛି। ଜଣେ ନୁହେଁ ତିନି ଜଣ ଭିଜିଲାନ୍ସ ଜାଲରେ ପଡିଛନ୍ତି। ଏମାନଙ୍କ ମଧ୍ୟରେ କାମାକ୍ଷାନଗର ଉପଜିଲ୍ଲାପାଳ, ଓପିଏଚ୍‌ଡବ୍ଲୁସି ବ୍ରହ୍ମପୁର ଡିଭିଜନର ଡିଜିଏମ୍ ଓ ଭବାନୀପାଟଣା ଏସଆରଏମ ଭେଷଜ ମହାବିଦ୍ୟାଳୟ ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଡାକ୍ତର। ଏମାନଙ୍କର ମୋଟ ୨୪ଟି ସ୍ଥାନରେ ଚଢାଉ କରାଯାଇଛି। ଉପଜିଲ୍ଲାପାଳଙ୍କ ୩ କୋଠା ଓ ୧୩ ପ୍ଲଟ୍ ଠାବ ହୋଇଥିବାବେଳେ ଡିଜିଏମଙ୍କ ବାସଭବନରୁ ୧ କେଜି ସୁନା ଜବତ ହୋଇଥିବାବେଳେ ପଡୋଶୀଙ୍କ ଛାତକୁ ଫିଙ୍ଗିଦେଇଥିବା ୧୪ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ।ଆୟଠୁ ଅଧିକ ସମ୍ପତ୍ତିଠୁଳ ଅଭିଯୋଗରେ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସରକାରୀ ବାସଭବନ କାର୍ଯ୍ୟାଳୟରେ ଭିଜିଲାନ୍ସ ରେଡ୍ କରିଛି। ଭୁବନେଶ୍ୱର, ଢେଙ୍କାନାଳ, ଭଦ୍ରକ ଓ ମୟୁରଭଞ୍ଜର ୧୦ଟି ସ୍ଥାନରେ ଚଢାଉ କରୁଛି ଭିଜିଲାନ୍ସ ଟିମ୍ । ଭୁବନେଶ୍ୱର ଝାରପଡ଼ାର ୨ଟି ସ୍ଥାନରେ ରେଡ୍ କରିଛି ଭିଜିଲାନ୍ସ ବିଭାଗ। ଉପଜିଲ୍ଲାପାଳଙ୍କ ୩ କୋଠା ଓ ୧୩ ପ୍ଲଟ୍ ରହିଥିବା ସୂଚନା ମିଳିଛି। ଏଥିରେ ଗୋଟିଏ ୩ ମହଲା କୋଠା ଓ ଏକ ମହଲା କୋଠାରେ ଭିଜିଲାନ୍ସ ପହଞ୍ଚିଛି। ସେହିପରି ଭଦ୍ରକ ବାସୁଦେବପୁର ପୈତୃକ ଘର, ବରୁଣାଇର ସମ୍ପର୍କୀୟ ଘର, ଭଣ୍ଡାରୀପୋଖରୀରେ ଥିବା ସହକର୍ମୀଙ୍କ ଘର ସମେତ କୁଆଁସ ଓ ଗେଲପୁରରେ ଚଢାଉ ଚାଲିଛି। ସେହିପରି ମୟୁରଭଞ୍ଜ, ରାଇରଙ୍ଗପୁରରେ ଥିବା ଅନ୍ୟ ସହକର୍ମୀଙ୍କ ଘରେ ବି ଚଢ଼ାଉ କରି ଖୋଳତାଡ଼ କରୁଛି ଭିଜିଲାନ୍ସ ବିଭାଗ। ୧୦ ଜଣ ଡିଏସପି ଓ ୩ ଜଣ ଇନ୍ସପେକ୍ଟର ରେଡରେ ସାମିଲ ହୋଇଛନ୍ତି। କାମାକ୍ଷାନଗରରେ ଜଣେ ଡିଏସପିଙ୍କ ନେତୃତ୍ୱରେ ରେଡ କରାଯାଉଛି।

ଅନ୍ୟପକ୍ଷରେ ଓଡ଼ିଶା ପୋଲିସ ହାଉସିଂ ୱେଲଫେର୍ କର୍ପୋରେଶନ ବ୍ରହ୍ମପୁର ଡିଭିଜନର ଡେପୁଟି ଜେନେରାଲ ମ୍ୟାନେଜର୍ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ଘରେ ଭିଜିଲାନ୍ସ ଚଢାଉ କରିଛି। ଭିଜିଲାନ୍ସ ଟିମକୁ ଘର ସମ୍ମୁଖରେ ଦେଖି ଡେପୁଟି ଜେନେରାଲ ମ୍ୟାନେଜର୍ ପଡ଼ୋଶୀ ଛାତକୁ ବିଡାବିଡା ଟଙ୍କା ଫିଙ୍ଗିଦେଇଥିଲେ। ପଡ଼ୋଶୀ ଛାତରୁ ୧୪ ଲକ୍ଷ ଟଙ୍କା ଭିଜିଲାନ୍ସ ଜବତ କରିଛି। ସୁବାଷଙ୍କ ଭୁବନେଶ୍ୱର ଓ ବ୍ରହ୍ମପୁର ସମେତ ଏକକାଳୀନ ୪ଟି ସ୍ଥାନରେ ଚଢାଉ କରାଯାଇଛି। ଏହି ସମୟରେ ଡିଜିଏମଙ୍କ ଘରୁ କେଜିଏ ସୁନା ମିଳିଛି। ଏଥିସହ ଭୁବନେଶ୍ୱରରେ ୪ଟି ବହୁମୂଲ୍ୟ ପ୍ଲଟ୍, ଗୋଟିଏ କ୍ରେଟା ଓ ଆଉ ଗୋଟିଏ ବେନାମୀ କାର୍ ଠାବ ହୋଇଛି। ଆଜି ସକାଳେ ଓପିଏଚ୍‌ଡବ୍ଲୁସି ବ୍ରହ୍ମପୁର ଡିଭିଜନ୍‌ର ଡେପୁଟି ଜେନେରାଲ୍ ମ୍ୟାନେଜର୍ ସୁବାଷ ଚନ୍ଦ୍ର ପଣ୍ଡା ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସୁବାଷଙ୍କ ଭୁବନେଶ୍ୱର ଆଇଜିଣିଆରେ ଥିବା ଘର , ମଞ୍ଜେଶ୍ୱର ଥିବା ଘର, ବ୍ରହ୍ମପୁର ଖାରବେଳ ନଗରରେ ଥିବା ଭଡ଼ା ଘର ଓ ବ୍ରହ୍ମପୁର ଅଫିସରେ ଚଢ଼ାଉ କରିଛି ଭିଜିଲାନ୍ସ। ସୁବାଷ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା । ଏହି ଚଢ଼ାଉରେ ୫ ଜଣ ଡିଏପି, ୭ ଜଣ ଇନ୍ସପେକ୍ଟର ଓ ଅନ୍ୟ ଭିଜିଲାନ୍ସ କର୍ମଚାରୀ ସାମିଲ ହୋଇଛନ୍ତି।

ସେହିପରି ଲାଞ୍ଚ ନେବା ବେଳେ ଧରାପଡିଛନ୍ତି ଭବାନୀପାଟଣା ଏସଆରଏମ ଭେଷଜ ମହାବିଦ୍ୟାଳୟ ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଅଶୋକ ଦାସ। ଜଣେ ଗର୍ଭବତୀ ମହିଳାଙ୍କ ସମ୍ପର୍କୀୟ ଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ବିଭାଗ ହାତରେ ଧରା ପଡିଛନ୍ତି। ଡାକ୍ତରଙ୍କ ସରକାରୀ କ୍ୱାର୍ଟରରୁ ନଗଦ ୯୬ ହଜାର ୮୫୦ ଟଙ୍କା ଠାବ କରାଯାଇଛି। କଳାହାଣ୍ଡି , ନୂଆପଡ଼ା, ନବରଙ୍ଗପୁର ଏବଂ ଜୟପୁର ଡିଭିଜନ ର ୧୦ ଜଣିଆ। ଭିଜିଲାନ୍ସ ଟିମ୍ ମିଳିତ ଭାବେ ଡାକ୍ତରଙ୍କ ଚ୍ୟାମ୍ବର୍ ଏବଂ ସରକାରୀ କ୍ୱାର୍ଟରରେ ଚଢାଉ ଜାରି ରଖିଛନ୍ତି। ଡାକ୍ତର ଙ୍କ ନୟାଗଡ଼ ସ୍ଥିତ ପୈତୃକ ଘର ସମେତ ଭୁବନେଶ୍ୱର ପ୍ରଭୃତି ମୋଟ ୧୦ ସ୍ଥାନରେ ଭିଜିଲାନ୍ସ ବିଭାଗ ଚଢାଉ ଜାରି ରଖିଛି।

# ଅଶାନ୍ତ ମଣିପୁରକୁ ଗଲେ ଅଧିକ ଯବାନ

**ନୂଆଦିଲ୍ଲୀ,୧୮।୧୧:** ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇଥିବା ମଣିପୁରର ସ୍ଥିତି ଏବେ ଅତ୍ୟନ୍ତ ସାଂଘାତିକ ହୋଇପଡ଼ିଛି। ପୋଡ଼ାଜଳା ଯୋଗୁ ମଣିପୁର ସ୍ଥିତି ଦିନକୁ ଦିନ ବେକାବୁ ହେଉଛି। ଆଜି ବିଭିନ୍ନ ଘଟଣାକ୍ରମେ ୭ ଜଣଙ୍କ ଜୀବନ ଯାଇଛି। ଜଣେ ଆନ୍ଦୋଳନକାରୀ ମୃତ୍ୟୁବରଣ କରିଥିବାବେଳେ ବିଭିନ୍ନ ଘଟଣାରେ ୬ ଜଣଙ୍କ ମୃତ୍ୟୁହୋଇଛି। ଦୁଇ ଜଣଙ୍କ ମୁଣ୍ଡବିହନ ମୃତଦେହ ନଦୀରୁ ମିଳିଛି। ସ୍ଥିତି ବିଗିଡ଼ିବାରେ ଲାଗିଥିବାରୁ ଆଜି ପୁଣିଥରେ ସମୀକ୍ଷା ବୈଠକ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ ଦିଲ୍ଲୀରେ ଉଚ୍ଚସ୍ତରୀୟ ବୈଠକ କରିବା ସହ ବଡ଼ ନିଷ୍ପତ୍ତି ନେଇଛନ୍ତି।

ମଣିପୁରରେ ହିଂସା ବଢୁଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବାକୁ କହିଛି। ବୈଠକ ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ମଣିପୁରରେ ମୁତୟନ ହୋଇଥିବା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। କେନ୍ଦ୍ରୀୟ ଆର୍ମଡ ପୁଲିସ୍ ଫୋର୍ସ(ସିଏପିଏଫ) ଓ ରାଜ୍ୟ ପୁଲିସ୍‌କୁ ମଣିପୁରରେ ଶାନ୍ତିଶୃଙ୍ଖଳା ବଜାୟୀ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।ମନ୍ତ୍ରଣାଳୟ ପକ୍ଷରୁ ମଣିପୁର ପାଇଁ ଅତିରିକ୍ତ ୫୦ କମ୍ପାନୀ ସିଏପିଏଫ ଯବାନଙ୍କୁ ପଠାଯାଇଛି। ଏହାପୂର୍ବରୁ ୨୦ ପ୍ଲାଟୁନ ସିଏପିଏଫ ଯବାନ ମଣିପୁରରେ ମୁତୟନ ହୋଇଥିଲେ। ଏହାର ଅର୍ଥ ଏବେ ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟୀ ରଖିବା ପାଇଁ ୭୦ ପ୍ଲାଟୁନ ସିଏପିଏଫ ରହିବେ। ଶନିବାର ଠାରୁ ମଣିପୁରରେ ହିଂସା ଭୟଙ୍କର ରୂପ ଧାରଣ କରିଛି। ଆଜି ଜିରିବମ୍ ଜିଲ୍ଲାର ମୈତେଇ ସମ୍ପ୍ରଦାୟର ଦୁଇଜଣଙ୍କୁ ଅପହରଣ କରିବା ପରେ ସେମାନଙ୍କୁ ହତ୍ୟା ପରେ ମୁଣ୍ଡ ବିହୀନ କରି ନଦୀରେ ଫିଙ୍ଗି ଦିଆଯାଇଛି।

# କେ. ସଞ୍ଜୟ ମୂର୍ତ୍ତୀ ନୂଆ ସିଏଜି ନିଯୁକ୍ତ

ନୂଆଦିଲ୍ଲୀ,୧୮।୧୧: ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ କେ. ସଞ୍ଜୟ ମୂର୍ତ୍ତୀଙ୍କୁ ନୂଆ କମ୍ପଟ୍ରୋଲର୍ ଏବଂ ଅଡିଟର ଜେନେରାଲ୍ (ସିଏଜି) ଭାବରେ ନିଯୁକ୍ତ କରିଛନ୍ତି ଭାରତ ସରକାର ଆନ୍ଧ୍ରପ୍ରଦେଶ କ୍ୟାଡରର ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ମୂର୍ତ୍ତୀ ବର୍ତ୍ତମାନ ଶିକ୍ଷା ମନ୍ତ୍ରାଳୟରେ ଉଚ୍ଚଶିକ୍ଷା ବିଭାଗର ସଚିବ ଭାବରେ କାର୍ଯ୍ୟ କରୁଛନ୍ତି।ସଚିବ ଭାବରେ ବର୍ତ୍ତମାନ ଉଚ୍ଚଶିକ୍ଷା ସହ ଜଡିତ ବିଭିନ୍ନ ନୀତିର ତଦାରଖ କରିବାରେ କେ. ସଞ୍ଜୟ ମୂର୍ତ୍ତୀ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। କେବଳ ସେତିକି ନୁହେଁ, ବିଭିନ୍ନ ସରକାରୀ ପଦକ୍ଷେପଗୁଡିକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବାରେ ମଧ୍ୟ ସେ ବେଶ ତତ୍ପର ଥିଲେ। କ୍ଷେତ୍ରର ଅଭିବୃଦ୍ଧି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଥିଲେ କେ. ସଞ୍ଜୟ ମୂର୍ତ୍ତୀ।

# ସରକାରୀ ଜମିରେ ବୈକୁଣ୍ଠ ଧାମ ଆଶ୍ରମ

**ଭୁବନେଶ୍ୱର,୧୮।୧୧(ମହାଭାରତ):** ବିବାଦରେ ଛନ୍ଦି ହୋଇପଡ଼ିଥିବା ଶ୍ରୀ ଶ୍ରୀ ଶ୍ରୀ ସତ୍ୟ ଅନନ୍ତ ମାଧବଙ୍କ ବୈକୁଣ୍ଠ ଧାମ ଆଶ୍ରମର ଆଉ ଏକ କଳାକାରନାମା ପଦାକୁ ଆସିଛି। ବୈକୁଣ୍ଠ ଧାମ ସରକାରୀ ଜମିରେ ରହିଛି ବୋଲି ଆଜି ସାଧାରଣ ପ୍ରଶାସନ(ଜିଏ) ପକ୍ଷରୁ ମାପଚୁପ ପରେ ସ୍ପଷ୍ଟ କରିଛି। ୧୪୦ ଡିସିମିଲ୍ ସରକାରୀ ଜମିରେ ଅବସ୍ଥିତ ଅଛି ଆଶ୍ରମ। ସରକାରଙ୍କୁ ରିପୋର୍ଟ ଦିଆଯାଇଛି, ସେହି ଅନୁସାରେ ପଦକ୍ଷେପ ନିଆଯିବ। ବିବାଦ ପରେ ଆଜି ଆଶ୍ରମ ଜମି ମାପଚୁପ କରିଥିଲା ଜିଏ ବିଭାଗ। ସେହିପରି ଆଶ୍ରମ ବିରୋଧରେ ସ୍ଥାନୀୟ ଲୋକମାନେ ସଂଗୀନ ଅଭିଯୋଗ କରିଛନ୍ତି।




ଭୁବନେଶ୍ୱର ଖଣ୍ଡଗିରି ପାଦ ଦେଶରେ ରହିଛି ବାବାଙ୍କ ବୈକୁଣ୍ଠ ଧାମ୍ ଆଶ୍ରମ। ଏଠାରେ କଳକୀରାମ ଶ୍ରୀଶ୍ରୀଶ୍ରୀ ସତ୍ୟ ଅନନ୍ତ ମାଧବ ପୂଜା ପାଉଛନ୍ତି ପ୍ରବଚନ ଦେଉଛନ୍ତି ଭକ୍ତଙ୍କୁ ଆଶୀର୍ବାଦ ଦେଉଛନ୍ତି କୁଆଡ଼େ ଲକ୍ଷାଧିକ ଟଙ୍କା ନେଇ ଲୋକଙ୍କ ଦୋରା ରୋଗ ଭଲ କରୁଛନ୍ତି। ହେଲେ ତୁଳସୀକୁ ପାଦ ତଳେ ବିବାଦରେ ଫସିଥିଲେ। ଫଟୋ ଭାଇରାଲ୍ ହେବାପରେ ବାବା ଗାଏବ ହୋଇଯାଇଛନ୍ତି। ବାବା, ତାଙ୍କ ବାପା, ମାଆଙ୍କ ସହ କୋଲକାତା ପଳାଇ ଯାଇଛନ୍ତି ସେଠାରେ ସେ ଆତ୍ମଗୋପନ କରିଥିବା ଚର୍ଚ୍ଚା ହେଉଛି। ହେଲେ ବାବାଙ୍କ ଅନୁଗାମୀ କହିଛନ୍ତି ବାବା ପ୍ରବଚନ ଦେବା ପାଇଁ ଯାଇଛନ୍ତି। ଏହାରି ଭିତରେ ବାବାଙ୍କ ଆଶ୍ରମକୁ ନେଇ ନୂଆ। ଅଭିଯୋଗ ଆସିଛି। ଅଭିଯୋଗ ହେଉଥିଲା ସରକାରୀ ଜମିରେ କୁଆଡେ ବାବା ଆଶ୍ରମ ତିଆରି କରିଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆଶ୍ରମ ପକ୍ଷରୁ ଖବରକୁ ଖଣ୍ଡନ କରାଯାଇଥିଲା। ଆଜି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ପକ୍ଷରୁ ଆଶ୍ରମ ଜମିକୁ ମାପ କରାଯାଇଥିଲା। ଆଉ ମାପ ବେଳେ ପୂରା ଆଶ୍ରମ ସରକାରୀ ଜମିରେ ତିଆରି ହୋଇଥିବା ସ୍ପଷ୍ଟ ହୋଇଛି।

ସେହିପରି ବାବାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜଣେ ଛାତ୍ରୀ। ଅଭିଯୋଗ ଅନୁସାରେ ବାବା କୁଆଡ଼େ କେଟିଏମ୍ ବାଇକ୍‌ରେ ଗର୍ଲଫ୍ରେଣ୍ଡକୁ ଧରି ବୁଲନ୍ତି। କାଫେ ଓ କ୍ଲବ୍ ଯାଆନ୍ତି। ଏପରି ଅଭିଯୋଗ ଆଣିଛନ୍ତି ବୈକୁଣ୍ଠଧାମ ଆଶ୍ରମ ଆସିଥିବା ଜଣେ ଭକ୍ତ କହିଛନ୍ତି। ସେ କୁଆଡେ ନିଜ ଆଖିରେ ଏ ସବୁ ଦେଖିଛନ୍ତି

କୋଳଥିଆ ଅଞ୍ଚଳରେ ରହୁଥିବା ଇଞ୍ଜିନିୟରିଂ ଛାତ୍ରୀ କହିଛନ୍ତି ଯେ, ଘରୋଇ ସମସ୍ୟା ନେଇ ଦୁଇ ମାସ ତଳେ ବାପା-ମାଆଙ୍କ ସହିତ ଆଶ୍ରମ ଆସିଥିଲେ। ସେତେବେଳେ ସେ ବାବାଙ୍କୁ ଅତି ପାଖରୁ ଦେଖିବାକୁ ପାଇଥିଲେ। ବାବାଙ୍କ ବୟସ ୧୮ରୁ ୧୯ ବର୍ଷ ହେବ। ବେକରେ ଫୁଲ ମାଳ ଓ ଧୋତି ପିନ୍ଧି ବସିଥିଲେ, ଆଉ ଲୋକଙ୍କ ସମସ୍ୟା ଶୁଣୁଥିଲେ। ଆଉ ତାଙ୍କ ପାଖରେ କିଛି ଲୋକ ବସି ଭଜନ କୀର୍ତ୍ତନ କରୁଥିବା ଦେଖିବାକୁ ପାଇଥିଲି ବୋଲି ଯୁବତୀ ଜଣକ କହିଛନ୍ତି।

# ଦିଲ୍ଲୀରେ ସମ୍ମାନୀତ ହେବେ ଓଡ଼ିଆ ସାମ୍ବାଦିକ

## ସାମ୍ବାଦିକତା ପ୍ରତି ନିଜର ଅବଦାନ ପାଇଁ ସମ୍ମାନୀତ ହେବେ 'ରିପୋର୍ଟରସ ଟୁଡେ'ର ସମ୍ପାଦକ ସୁରଜିତ ଧଳ

ଭୁବନେଶ୍ୱର,୧୮।୧୧(ମହାଭାରତ): ରାଜ୍ୟ ଏବଂ ଦେଶରେ ଅନେକ ସଂଖ୍ୟରେ ସାମ୍ବାଦିକ ମାନେ ନିଜ ନିଜର କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ କାମ କରୁଛନ୍ତି। କେତେ ବେଳେ ସାଧୁତା ମିଳୁଛି ତ କେତେବେଳେ ସରକାରୀ କଳ କବଜାର ଚପ। ଅନେକ ସମୟରେ ବହୁ ବଡ଼ ବଡ଼ ସାମ୍ବାଦିକ ମାନଙ୍କୁ ମିଛ ମାମଲାରେ ଜେଲ ମଧ୍ୟ ଜିବାକୁ ପଡିଛି । କିନ୍ତୁ ସ୍ୱର ନା ଚପିଛି ନା କେହି ଚପି ପାରିଛନ୍ତି। ଠିକ ଏହିଭଳି ସମୟରେ ଯଦି କେହି ଜଣେ ସାମ୍ବାଦିକକୁ ପ୍ରଶ୍ନ କରେ ଯେ ସାମ୍ବାଦିକତା କରି ଆପଣ କଣ ରୋଜଗାର କରିଛନ୍ତି, ସେ ସମୟରେ ସାମ୍ବାଦିକଟିଏ ଭାବିବାକୁ ବାଧ୍ୟ ହୁଏ ଏବଂ ଦୀର୍ଘ ନିଶ୍ୱାସ ନେଇ କୁହେ ଆତ୍ମ ସନ୍ତୋଷ ଓ ଲୋକଙ୍କ ଭରସା । ଠିକ୍ ସେହି ଭଳି ଆଜି ଆମେ ଆପଣଙ୍କୁ ଜଣେ ସାମ୍ବାଦିକଙ୍କ କଥା ହିଁ କହୁଛୁ ଯିଏ ନିଜର ଅନେକ ବର୍ଷର କ୍ୟାରିଅରକୁ ଚାକିରୀ ଜୀବନ ଠାରୁ ଆରମ୍ଭ କରି ଲୋକଙ୍କ ପାଇଁ କିଛି କରିବାର ଆଶା ନେଇ ଆଗକୁ ବଢିଚାଲିଛନ୍ତି ଏବଂ ଆମ ରାଜ୍ୟ ଓଡ଼ିଶାରେ ଦୀର୍ଘ ବର୍ଷ ହେଲା ସାମ୍ବାଦିକତା ମାଧ୍ୟମରେ ସେବା ଯୋଗାଇ ଆସୁଛନ୍ତି। ସେ ହେଲେ ରିପୋର୍ଟରସ ଟୁଡେର ମୁଖ୍ୟ ସମ୍ପାଦକ ସୁରଜିତ କୁମାର ଧଳ, ଆମ ଓଡିଆ ପୁଅ ଜଣେ ନିର୍ଭିକ ଓ ସାହାସୀ ବ୍ୟକ୍ତିତ୍ୱ। ନିଜ ଚିନ୍ତାଧାରା ଓ ସମାଲୋଚନାର ପ୍ରୟାସ ରେ ଯାହାଙ୍କୁ ଦିନେ ଜେଲ ଯିବାକୁ ପଡିଥିଲା ଓ ସରକାରୀ କଳର ଚପରେ ଚପଗ୍ରସ୍ତ ମଧ୍ୟ କରାଯାଇଥିଲା। ଆଜି ସେହି ନିର୍ଭିକ ସାମ୍ବାଦିକ ତଥା ରିପୋର୍ଟରସ ଟୁଡେର ମୁଖ୍ୟ ସମ୍ପାଦକ ସୁରଜିତ କୁମାର ଧଳଙ୍କୁ ଭାରତି ଶ୍ରମଜୀବି ପତ୍ରକାର ସଙ୍ଘ ପକ୍ଷରୁ ତାଙ୍କୁ ସମ୍ମାନୀତ କରାଯିବା ନେଇ ନାଁ ଘୋଷଣା କରାଯାଇଛି। ଚଳିତ ମାସ ଆସନ୍ତା ୨୨ ତାରିଖରେ ଦୀଲ୍ଲୀ ସ୍ଥିତ କନଷ୍ଟିଚ୍ୟୁସନ କ୍ଲବ ଅଫ ଇଣ୍ଡିଆରେ ତାଙ୍କୁ ସମ୍ମାନୀତ କରିବା ପାଇଁ ଆସିଛି ନିମନ୍ତ୍ରଣ। ଏହି ସମ୍ମାନ ପାଇବା ପାଇଁ ତାଙ୍କ ନାମ ଘୋଷଣା ପରେ ଓଡିଶା ପାଇଁ ଏହା ଏକ ଗର୍ବ ବୋଲି କହିଛନ୍ତି ସୁରଜିତ। ସେ ଆହୁରି ମଧ୍ୟ କହିଛନ୍ତି ଏହି ସମ୍ମାନ ଆଗକୁ ବଢିବାକୁ ଓ ସତ୍ୟର ଉନ୍ମୋଚନ କରିବାକୁ ତାଙ୍କୁ ଆହୁରି ପ୍ରୋତ୍ସାହିତ କରିବ। ତେବେ ଦିଲ୍ଲୀର ଏହି କାର୍ଯ୍ୟକ୍ରମରେ ଦେଶର ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରିବାର କାର୍ଯ୍ୟକ୍ରମ ରହିଛି।ଯେଉଁ ମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜର ଦେଶ ପାଇଁ କାମ କରି ପ୍ରତିଷ୍ଠିତ ହୋଇଛନ୍ତି।



### ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା

ଭୁବନେଶ୍ୱର,୧୮।୧୧(ମହାଭାରତ) ରାଜ୍ୟରେ ବୀମା ହାର ଜାତୀୟସ୍ତର ତୁଳନାରେ କମ୍ ଅଛି। ଆସନ୍ତା ୨୦୪୭ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଲକ୍ଷ୍ୟ ହାସଲ କରିବାକୁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ଆଜି ଏନେଇ ପ୍ରାରମ୍ଭିକ ବିଚାରବିମର୍ଶ ଆରମ୍ଭ ହୋଇଛି। ଭାରତୀୟ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ(ଆଇଆରଡିଏ) ସଦସ୍ୟ ସଚିବ ସତ୍ୟଜିତ ତ୍ରିପାଠୀ ଆଜି ଲୋକସେବା ଭବନରେ ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କୁ ଭେଟି ରାଜ୍ୟରେ ବୀମା ପ୍ରସାରଣ ବୃଦ୍ଧି କରିବା ବା ଅଧିକ ଲୋକଙ୍କୁ ବୀମାଭୁକ୍ତ କରିବା ଉପରେ ଆଲୋଚନା କରିଛନ୍ତି। ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଆର୍ଥିକ ସେବାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ବୀମା । ଓଡ଼ିଶାରେ ବୀମାହାର ଜାତୀୟସ୍ତର ତୁଳନାରେ କମ୍ଥିବାରୁ ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଲକ୍ଷ୍ୟ ହାସଲ କରିବାକୁ ବୀମା କଭରେଜରେ ଉନ୍ନତି ଆଣିବା ନିମନ୍ତେ ରଣନୀତି ଉପରେ ଆଲୋଚନା ହୋଇଛି।

# ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ସ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

ଖବର

# ଓଡ଼ିଆ ଚଳଚ୍ଚିତ୍ର 'ସ୍କୁଲ ଡାଏରୀ'ର ଶୁଭ ମହୂରତ




ଆଗାମୀ ଓଡ଼ିଆ ଫିଲ୍ମ 'ସ୍କୁଲ ଡାଏରୀ'ର ଶୁଭ ମହୂରତ ହୋଇଯାଇଛି । ଶ୍ରୀ ଗଣେଷ ପ୍ରଡକ୍ସନ ବ୍ୟାନରରେ ସିନେମାର ସୁଟିଂ ଆରମ୍ଭ ହୋଇଯାଇଛି । ଦର୍ଶକଙ୍କୁ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବା ଭଳି କାହାଣୀ ଏଥିରେ ଦେଖିବାକୁ ମିଳିବ । ସ୍ମାର୍ଟଫୋନ ଓ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ଜଣେ ଛାତ୍ର ଜୀବନରେ କିଭଳି ପ୍ରଭାବ ପକାଉଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ । କାହାଣୀରେ ପ୍ରେମ, ଅପରାଧ ସବୁକିଛି ଦେଖିବାକୁ ମିଳିବ । ପରଦାରେ ସିନେମାଟି ଦର୍ଶକଙ୍କୁ ସ୍କୁଲ ସମୟର ଅତୀତକୁ ଫେରାଇନେବ ବୋଲି ନିର୍ମାତା କହିଛନ୍ତି । ସିନେମାର ପ୍ରଯୋଜକ ହେଉଛନ୍ତି ଲଗ୍ନା ସ୍ୱାଇଁ ଓ ସମ୍ମିତ ବାରିକ୍ । ଲାଇନ୍ ପ୍ରଡ୍ୟୁସର ଗଣେଶ ପଣ୍ଡା ଓ ରବି କୁମାର ଶତପଥୀ । ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ସମ୍ମିତ ବାରିକ । ପୂର୍ବରୁ ସମ୍ମିତ ଅନେକ ଧାରାବାହିକ ଓ ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି । ସଂଳାପ ରଚନା ଡ. ରଜନୀ ରଞ୍ଜନ କରିଥିବାବେଳେ ଗୀତ ରଚନା କରିଛନ୍ତି ଡ. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀ । ସେହିଭଳି ଗୀତକୁ ସଙ୍ଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ । ନାୟକ ଭୂମିକାରେ ପ୍ରେମ ଓ ନାୟିକା ଭାବେ ଅକ୍ଷିତା ଓ ଦିବ୍ୟା ନଜର ଆସିବେ । ଉଭୟ ହିରୋ ଓ ୨ ହିରୋଇନ୍ ଏହି ସିନେମା ମାଧ୍ୟମରେ ଓଲିଉଡ ଜଗତରେ ନିଜ ଡେବ୍ୟୁ କରୁଛନ୍ତି । ସେମାନଙ୍କ ସହ ଚୌଧୁରୀ ଜୟପ୍ରକାଶ ଦାଶ, ସସ୍ମିତା ଅପା ଓ ରବି ମିଶ୍ର ମୁଖ୍ୟ ଭୂମିକାରେ ନଜର ଆସିବେ । ମିଡିଆ ପ୍ଲାନର ଭାବେ ଅମରେଶ ଦାୟିତ୍ୱ ତୁଲାଉଛନ୍ତ।

# ଉପକାରୀ ବରକୋଳି



ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।

ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।

ହଜମ ଶକ୍ତି ବଢ଼ାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।

ବରକୋଳିର ଆଚାର ମଧ୍ୟ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।

ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।

# ଶ୍ରୀବିଷ୍ଣୁଙ୍କ ଚାରି ହସ୍ତ ବିଷୟରେ ବର୍ଣ୍ଣନା

ଭଗବାନ ବିଷ୍ଣୁ ଶ୍ରୀହରିଙ୍କ ଚାରି ହାତ ତାଙ୍କ ଶକ୍ତିଶାଳୀ ତଥା ସର୍ବବ୍ୟାପକ ପ୍ରକୃତିର ବାର୍ତ୍ତା ଦେଇଥାଏ । ତାଙ୍କର ସମ୍ମୁଖ ଭାଗରେ ଥିବା ଦୁଇ ହାତ ଭୌତିକ ଅସ୍ତିତ୍ୱର ପ୍ରତିନିଧିତ୍ୱ କରିଥାଏ । ପିଠିରେ ଥିବା ଦୁଇ ହାତ ଆଧ୍ୟାତ୍ମିକ ଦୁନିଆରେ ତାଙ୍କ ଉପସ୍ଥିତିର ପ୍ରତିନିଧିତ୍ୱ କରିଥାଏ । ତ୍ରିଦେବଙ୍କ ମଧ୍ୟରୁ ପ୍ରମୁଖ ଭଗବାନ ଶିବଙ୍କର ତିନି ନେତ୍ର ରହିଛି । ସର୍ବପ୍ରଥମେ ସେ ହିଁ ନିଜ ଅନ୍ତର୍ଦୃଷ୍ଟିରୁ ଶ୍ରୀହରିଙ୍କୁ ଜନ୍ମ ଦେଇଥିଲେ । କ୍ଷୀର ସାଗର ନିବାସୀ ବିଷ୍ଣୁଙ୍କ ନାଭିରୁ ବ୍ରହ୍ମାଙ୍କ ଜନ୍ମ ହୋଇଥିଲା । ତାଙ୍କର ୪ଟି ମସ୍ତକ ଏବଂ ୪ ହାତ ରହିଛି । ଏହି ପୌରାଣିକ କଥା ସମ୍ପର୍କରେ ପୁରାଣରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।



ବିଷ୍ଣୁଙ୍କ ଚାରି ହାତ ମହାକାଶର ଚାରି ଦିଗରେ ପ୍ରଭୁତ୍ୱ ବ୍ୟକ୍ତ କରିଥାଏ ଏବଂ ମାନବ ଜୀବନର ଚାରି କୋଣ ଏବଂ ଚାରି ଆଶ୍ରମର ପ୍ରତୀକ ଭାବେ ବାର୍ତ୍ତା ଦେଇଥାଏ । ଜ୍ଞାନ ନିମନ୍ତେ ଅନୁସନ୍ଧାନ (ବ୍ରହ୍ମଚର୍ଯ୍ୟ), ପାରିବାରିକ ଜୀବନ (ଗୃହସ୍ଥ), ବନକୁ ଫେରିଯିବା (ବାନପ୍ରସ୍ତ) ଏବଂ ସନ୍ନ୍ୟାସର ପ୍ରତୀକ ହେଉଛି ଶ୍ରୀବିଷ୍ଣୁଙ୍କ ଚାରି ହାତ ।

# ତୁଳସୀଙ୍କ କଥା



ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା । ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା । ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ । ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ । ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ । ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ । ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା । ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ । ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।

ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ । ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

# ଘରେ ରଖନ୍ତୁ ମାଠିଆ ବା ସୁରେଇ

ପୂର୍ବରୁ ଲୋକେ ଘରେ ମାଟିରେ ତିଆରି ମାଠିଆରେ ପାଣି ରଖି ପିଉଥିଲେ। ଆଗରୁ ପ୍ରତ୍ୟେକ ଲୋକଙ୍କ ଘରେ ମାଠିଆ ଦେଖିବାକୁ ମିଳୁଥିଲା। ବିଶେଷକରି ଗ୍ରୀଷ୍ମ ଦିନରେ



ଲୋକେ ମାଠିଆ ପାଣି ପିଇବାକୁ ଭଲ ପାଆନ୍ତି। ଏହା କେବଳ ପାଣିକୁ ପ୍ରାକୃତିକ ଭାବେ ଥଣ୍ଡା କରେନି ବରଂ ଏହାର ସ୍ୱାସ୍ଥ୍ୟଗତ ଗୁଣ ମଧ୍ୟ ରହିଛି। ମାଠିଆ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର।

ମାଟିରେ ତିଆରି ମାଠିଆ ଜୀବନରେ ଖୁସି ଆଣିବାରେ ମଧ୍ୟ ମହତ୍ୱପୂର୍ଣ୍ଣ। ମାଠିଆକୁ ଗୁଡ଼ ଲକ ବୋଲି ମଧ୍ୟ କୁହାଯାଏ। ମାଠିଆ ସହ ସମ୍ବନ୍ଧିତ କିଛି ଉପାୟ ଆପଣେଇଲେ ଆର୍ଥିକ ସମସ୍ୟା ଦୂର ହେବାସହ ବାସ୍ତୁଦୋଷ ମଧ୍ୟ ଦୂର ହୋଇଥାଏ। ବାସ୍ତୁଶାସ୍ତ୍ରରେ ମଧ୍ୟ ମାଠିଆର ଅନେକ ଗୁରୁ□ ରହିଛି। ମାଠିଆ ସମ୍ବନ୍ଧୀୟ କିଛି ଉପାୟ ସମ୍ପର୍କରେ ଜାଣନ୍ତୁ ଯାହା ଆପଣଙ୍କ ଜୀବନରେ ଖୁସି ଭରିବା ସହ ଚିନ୍ତାରୁ ମୁକ୍ତ କରିଦେବ।

୧. ସବୁବେଳେ ମାଠିଆ ଭର୍ତ୍ତି କରି ରଖିବେ : ମାଠିଆ କେବେ ବି ଖାଲି ରଖିବେନି, ସବୁବେଳେ ଭର୍ତ୍ତି କରି ରଖିବେ। ମାଟି ସୁରେଇ କିମ୍ବା ମାଠିଆରେ ସବୁବେଳେ ପାଣି ରଖିବା ଉଚିତ। ମାଠିଆରେ ପାଣି ଭରି ରଖିବା ଶୁଭ ହୋଇଥାଏ।

୨. ଉତ୍ତର ଦିଗରେ ରଖିବେ : ବାସ୍ତୁଶାସ୍ତ୍ରରେ ମାଟି ତିଆରି ମାଠିଆର ଅନେକ ମହତ୍ୱ ରହିଛି। ବାସ୍ତୁଶାସ୍ତ୍ର ଅନୁସାରେ ମାଠିଆ କିମ୍ବା ସୁରେଇ ସବୁବେଳେ ଉତ୍ତର ଦିଗରେ ରଖିବା ଉଚିତ। ଏହା ଉତ୍ତମ ଫଳ ପ୍ରଦାନ କରିଥାଏ। ଉତ୍ତର ଦିଗରେ ଜଳ ଦେବତା ବରୁଣ ବାସ କରନ୍ତି।

# ମତ୍ସ୍ୟ ସମ୍ପଦ ବିଭାଗର ନୂତନ ଗୃହ ଉଦଘାଟିତ

**ଭୁବନେଶ୍ୱର,୧୮।୧୧ (ମହାଭାରତ):** ମତ୍ସ୍ୟ ପାଳନକୁ ଅଗ୍ରାଧିକାର ଦେବା ସହ ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପିଏମ ମତ୍ସ୍ୟ ସମ୍ପଦ ଯୋଜନା' ଆରମ୍ଭ କରିଛନ୍ତି । ଆଗାମୀ ବର୍ଷମାନଙ୍କରେ ମତ୍ସ୍ୟ ଉତ୍ପାଦନ ସହ ମାଛ ରପ୍ତାନୀକୁ ଦୁଇଗୁଣା କରିବା ଏବଂ ମତ୍ସ୍ୟ ବିଭାଗ କ୍ଷେତ୍ରରେ ରୋଜଗାରର ଲକ୍ଷ-ଲକ୍ଷ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଇଛନ୍ତି ବୋଲି ସୋମବାର ସମ୍ବଲପୁର ଜିଲ୍ଲାର ବହିଦାର ନୂଆପାଲି ଠାରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ସମ୍ପଦ ବିଭାଗର ଏକ ନୂତନ ଗୃହ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ମାଛ ଚାଷ ଉତ୍ପାଦନ ବୃଦ୍ଧି କରିବା ଦିଗରେ ପରୀକ୍ଷା ନୀରିକ୍ଷା କରିବା ପାଇଁ ଏହି ନୂତନ ଭବନରେ ମତ୍ସ୍ୟ ବିଭାଗର ଜିଲ୍ଲା ଓ ଜୋନାଲ କାର୍ଯ୍ୟାଳୟ ସହିତ ଆକ୍ୱା ଲ୍ୟାବ୍ ଭବନ ମଧ୍ୟ ରହିଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ମାଛର ସ୍ଥାନ ସ୍ୱତନ୍ତ୍ର । ଅପାର ସମ୍ଭାବନାର ଅଂଚଳ ହୀରାକୁଦ ଓ ଆଖପାଖ ଅଂଚଳରେ ଉତ୍ପାଦନ ହେଉଥିବା କୁଡୋ ମାଛର ଚାହିଦା ରାଜ୍ୟ ବାହାରେ ଅଧିକ ରହିଛି । ସେହି ମାଛ ଚାଷକୁ ପ୍ରୋତ୍ସାହନ ଦେବା ଦିଗରେ ମଧ୍ୟ ଆଜିର ନୂତନ ଭବନ ସହାୟକ ହେବ । ଓଡ଼ିଶାରେ



ପୂର୍ବ ସରକାର ନାମକୁ ମାତ୍ର ଏହି ସବୁ ବିଭାଗ କାର୍ଯ୍ୟ ପରିଚାଳନା କରୁଥିଲେ । ଏହି କାରଣରୁ ମତ୍ସ୍ୟଚାଷୀମାନେ ଚାଷର ପ୍ରତ୍ୟକ୍ଷ ଲାଭରୁ ବଂଚିତ ହେଉଥିଲେ । ମାତ୍ର ଓଡ଼ିଶାରେ ବିଜେପିର ନୂଆ ସରକାର ଗଠନ ହେବା ପରେ ରାଜ୍ୟ ଅର୍ଥନୀତିରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ମତ୍ସ୍ୟ ଚାଷ ପାଇଁ ବ୍ୟାପକ ସରକାରୀ ପଦକ୍ଷେପ ଗ୍ରହଣ କରାଯାଉଛି । ସମ୍ବଲପୁର, ଦେବଗଡ଼, ବରଗଡ ଜିଲ୍ଲାରେ ମାଛ ଚାଷକୁ ଦୁଇ ଗୁଣିତ କରିବା ପାଇଁ ଆଜି ଏପରି ପଦକ୍ଷେପ ନିଆଯାଇଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ଦିନରେ ଭାରତ ସରକାରଙ୍କ ସହଯୋଗରେ ଏହି ଅଂଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏକ 'ମତ୍ସ୍ୟ ପାର୍କ' କରାଯିବାର ଯୋଜନା କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପାଖାପାଖି ୮୦୦ କୋଟି ଟଙ୍କା ବ୍ୟୟରେ ହୀରାକୁଦ କେନାଲକୁ ବିକଶିତ କରିବା ପାଇଁ ଯୋଜନା ହୋଇଛି । ଧାନ ଚାଷ, ମତ୍ସ୍ୟଚାଷ, ଗୋପାଳନ, ଛେଳି ଚାଷ ବିଶେଷକରି ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଖାଦ୍ୟ, ପୋଷଣ ଏବଂ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଛି । ଏ ଦିଗରେ ବିଜେପିର ଡବଲ ଇଞ୍ଜିନ ସରକାର ସବୁ ବର୍ଗର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ସୁଭଦ୍ରା ଯୋଜନାରେ ସରକାରଙ୍କ ଠାରୁ ସହାୟତା ପାଉଥିବା ମହିଳାମାନେ ସ୍ଥାନୀୟ ଅର୍ଥନୀତିକୁ ମଜଭୁତ୍ କରିବା ଭଳି ଏହି ସବୁ ଚାଷକୁ ପ୍ରୋତ୍ସାହନ କରିବା ପାଇଁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଚାଷୀଙ୍କ ଆୟ ବଢିଲେ ପରିବାର ଓ ସମାଜ ଏବଂ ସ୍ଥାନୀୟ ଅର୍ଥନୀତି ମଜଭୁତ୍ ହେବ । ୨୦୩୬ ମସିହା ସୁଦ୍ଧା ମାଛ ଉତ୍ପାଦନରେ ଆମ ରାଜ୍ୟ ୧ ନମ୍ବର ରାଜ୍ୟରେ ପରିଣତ ହେବା ଲକ୍ଷ୍ୟରେ କାମ କରିବାକି ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ଗ୍ରାମୀଣ ବିକାଶ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ଓ ସମ୍ବଲପୁର ବିଧାୟକ ଶ୍ରୀ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ପିଡ଼ିଏସ ବଂଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଭୁବନେଶ୍ୱର, ୧୮।୧୧ (ମହାଭାରତ):** କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଖାଇ ମୃତ୍ୟୁ ଘଟଣାରେ ଆଜି ଆଉ ଜଣଙ୍କ ମୃତ୍ୟୁ ହୋଇଛି, ଏହି ଘଟଣାରେ ସମୁଦାୟ ମୃତ୍ୟୁ ସଂଖ୍ୟା ୩ରେ ପହଁଂଚିବା ପରେ, ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କୁ ଘେରିଛି। ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଶ୍ରୀ ସଞ୍ଜୟ ଦାସବର୍ମା କହିଛନ୍ତି, ଖାଦ୍ୟ ସୁରକ୍ଷା ଯୋଜନାର ବଂଟନ ବ୍ୟବସ୍ଥା ରାଜ୍ୟରେ ବିଫଳ ହୋଇଥିବାରୁ, ଏଭଳି ଅଭାବନୀୟ ଘଟଣା ଘଟିଲା। ଏହି ଘଟଣା ସରକାରଙ୍କ ବିଫଳତାକୁ ପଦାରେ ପକାଉଛି ।ଉଲ୍ଲେଖଯୋଗ୍ୟ, କନ୍ଧମାଳ ଜିଲ୍ଲାର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଜାଉ ଖାଇ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା ବେଳେ ୬ ଜଣ ମହିଳା ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ୨ ଜଣଙ୍କ ମଧ୍ୟରୁ ଜଣେ ଆଜି ମୃତ୍ୟୁ ବରଣ କରିଛନ୍ତି। ଆଜି ଏହି ଘଟଣାରେ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଥିବା ବେଳେ, ଏହି ଘଟଣା ରାଜ୍ୟ ପାଇଁ ଆଉ ଥରେ ଲଜ୍ଜାକୁ ଉଜ୍ଜୀବିତ କରିଛି।

ଏହି ଘଟଣା ଯୋଗୁ ରାଜ୍ୟରେ ନୂଆ ସରକାର ଆସିବା ପରେ, ରାଜ୍ୟରେ ଖାଦ୍ୟ ଅଭାବ ଯୋଗୁ ମୃତ୍ୟୁ ବରଣ କରିବାକୁ ପଡୁଛି ଭଳି, ଏକ ଯନ୍ତ୍ରଣା ଦାୟକ ସତ୍ୟ ସାମ୍ନାକୁ ଆସିଛି। ସରକାର ସଚେତନ ହେବା ପରିବର୍ତ୍ତେ ଏହି ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ଭ୍ରମାତ୍ମକ ତଥ୍ୟ ପ୍ରଦାନ କରୁଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ଦିଆ ଯାଇଥିବା ମନ୍ତବ୍ୟ ଯେ ଆମ୍ବ ଟାକୁଆ ଆଦିବାସୀ ମାନଙ୍କ ପାରମ୍ପରିକ ଖାଦ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଖାଦ୍ୟ ଯୋଗାଣ ମନ୍ତ୍ରୀ ରାଜ୍ୟବାସୀଙ୍କ ସମ୍ମୁଖରେ କ୍ଷମା ମାଗିବା ସହିତ ନିଜ ପଦବୀରୁ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଥିଲେ।

## ପ୍ରତି ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

**ଭୁବନେଶ୍ୱର, ୧୮।୧୧ (ମହାଭାରତ):** ୨୦୨୩ ମସିହାରେ ରାଜ୍ୟରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଓଡିଶାର ପ୍ରାଣିପାଳକ ଏବଂ ମତ୍ସ୍ୟଚାଷୀଙ୍କ ପାଇଁ ଏକ ବହୁ ଚର୍ଚ୍ଚିତ ଘଟଣା ହୋଇପାରିଛି । ମାଛ ଓ ପ୍ରାଣୀଙ୍କ ଜୀବନ୍ତ ପ୍ରଦର୍ଶନ ସହିତ ଷ୍ଟଲ୍ ପ୍ରଦର୍ଶନୀ କୃଷକମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରି ବର୍ତ୍ତମାନ ମତ୍ସ୍ୟଚାଷ ଏବଂ ପ୍ରାଣିପାଳନରେ ବୈଜ୍ଞାନିକ ପ୍ରଣାଳୀର ଉପଯୋଗ ପାଇଁ ପ୍ଲାଟଫର୍ମ ଭାବରେ ପରିଗଣିତ ହେଉଛି । ପ୍ରାଣିପାଳନ ଏବଂ ମତ୍ସ୍ୟଚାଷରୁ ଉନ୍ନତ ଲାଭ ପାଇଁ ଟେକ୍ନୋଲୋଜି ବ୍ୟବହାର କରିବାରେ କୃଷକ-ବୈଜ୍ଞାନିକ ମତ-ବିନିମୟ କାର୍ଯ୍ୟକ୍ରମ ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାବେଳେ କୃଷକମାନେ ପ୍ରଶ୍ନ ପଚାରିବା ଏବଂ ବିଶେଷଜ୍ଞଙ୍କଠାରୁ ପରାମର୍ଶ ପାଇବାକୁ ଉତ୍ସାହିତ ହେଉଛନ୍ତି। ଚଳିତ ବର୍ଷ ନଭେମ୍ବର ଏବଂ ଡିସେମ୍ବର ମାସରେ ପ୍ରତ୍ୟେକ ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆୟୋଜନ କରାଯାଉଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ କୃଷକମାନେ ଯୋଗଦେବେ । ପ୍ରାଣିପାଳକ, ଗୋପାଳକ, ମତ୍ସ୍ୟଜୀବୀ ଏବଂ ମତ୍ସ୍ୟଚାଷୀମାନେ ସେମାନଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବା ଏବଂ ମତ୍ସ୍ୟ ଓ ପ୍ରାଣିପାଳନକୁ ଉଦ୍ୟୋଗ ଭାବରେ ଗ୍ରହଣ କରିବା ପାଇଁ ଆତ୍ମବିଶ୍ୱାସ ଲାଭ କରିବେ । ଏହି ଉଦ୍ୟୋଗୀମାନେ ରାଜ୍ୟରେ ଗ୍ରାମୀଣ ଅର୍ଥନୈତିକ ବିକାଶର ପରିବର୍ତ୍ତନ ଏଜେଂଟ ଭାବରେ କାର୍ଯ୍ୟ କରିବେ । କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ଏବଂ ଆର୍ଥିକ ଲାଭ ମାଧ୍ୟମରେ ସେମାନଙ୍କ ଜୀବନକୁ ସମୃଦ୍ଧ କରିବାର ଲକ୍ଷ୍ୟ ନେଇ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାର ପରିକଳ୍ପନା କରାଯାଇଛି ।

## ଭିଜନ ଡକ୍ୟୁମେଂଟପାଇଁ ପ୍ରସ୍ତାବ ଗ୍ରହଣ ତାରିଖ ଡିସେମ୍ବର ୫କୁ ବୃଦ୍ଧି

**ଭୁବନେଶ୍ୱର, ୧୮।୧୧ (ମହାଭାରତ):** ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପରିପ୍ରେକ୍ଷୀରେ ପ୍ରସ୍ତୁତ କରାଯାଉଥିବା ଭିଜନ ଡକ୍ୟୁମେଂଟ ପାଇଁ ବିଭିନ୍ନ ବର୍ଗର ଜନସାଧାରଣଙ୍କ ଠାରୁ ୱେବ୍ ପୋର୍ଟାଲ୍ ଓ ହ୍ୱାଟ୍ସଆପ୍, ଇ-ମେଲ ଆଦି ଜରିଆରେ ଗ୍ରହଣ କରାଯାଉଥିବା ମତାମତ ଓ ପ୍ରସ୍ତାବ ଗ୍ରହଣର ସମୟ ସୀମା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଆଗାମୀ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସମୟସୀମା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଥିଲା । ଆଜି ଲୋକସେବା ଭବନରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି । ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇଲେକ୍ଟ୍ରୋନିକସ ଓ ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ଶ୍ରୀ ବିଷ୍ଣୁପଦ ସେଠୀଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ଡକ୍ୟୁମେଂଟ ସମସ୍ତଙ୍କ ମତାମତ ଏବଂ ପ୍ରସ୍ତାବକୁ ନେଇ ଅଧିକ ବଳିଷ୍ଠ ଓ ଋଦ୍ଧିମନ୍ତ ହେବ, ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି । ନଭେମ୍ବର ୧୬ ସୁଦ୍ଧା ଜନସାଧାରଣଙ୍କ ଠାରୁ ମତାମତ ଏବଂ ପ୍ରସ୍ତାବ ପ୍ରାପ୍ତି ସଂଖ୍ୟା ୨ ହଜାର ଥିବା ବେଳେ ଆଜି ନଭେମ୍ବର ୧୮ ତାରିଖ ପୂର୍ବାହ୍ନ ସୁଦ୍ଧା ଏହାର ସଂଖ୍ୟା ୧୦ ହଜାର ଥିଲା ଏବଂ ସଂଧ୍ୟା ସୁଦ୍ଧା ଏହା ୧୫ ହଜାରରେ ପହଁଚିଛି କ୍ଷଏହାକୁ ଦୃଷ୍ଟିରେ ରଖି ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ରଖି ବିଭିନ୍ନ ବର୍ଗର ଜନସାଧାରଣଙ୍କ ଠାରୁ ଯେପରି ଅଧିକରୁ ଅଧିକ ପ୍ରସ୍ତାବ ଓ ମତାମତ ଆସିବ, ଏଥିପାଇଁ ବୈଠକରେ ଆଲୋଚନା ପୂର୍ବକ ପ୍ରସ୍ତାବ ତଥା ମତାମତ ଗ୍ରହଣ ସମୟ ସୀମାକୁ ବୃଦ୍ଧି କରାଯାଇଛି ।



ଭିଜନ ଡକ୍ୟୁମେଂଟ ପ୍ରସ୍ତୁତି ପାଇଁ ଅଧିକ ପ୍ରସ୍ତାବ ତଥା ମତାମତ ଗ୍ରହଣ ପାଇଁ ବ୍ୟାପକ ପ୍ରଚାର ପ୍ରସାର ଜରିଆରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା ।ଏ ସମ୍ପର୍କରେ ମୁଦ୍ରଣ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶା ଭିଜନ ୱେବ୍ ସାଇଟ୍ ଏବଂ ଇମେଲ- ଏବଂ ହ୍ୱାଟ୍ସ ଆପ୍ ନମ୍ବର + ୯ ୧ ୬୩୭୦୯୫୧୯୨୦ ଜରିଆରେ ମତାମତ ପ୍ରଦାନ ପ୍ରକ୍ରିୟାକୁ ବିଭିନ୍ନ ଗ୍ରୁପରେ ସେୟାର କରି ମତାମତ ପାଇଁ ଅନୁରୋଧ କରାଯିବାକୁ ପରାମର୍ଶ ଦିଆଯାଇଛି ।

ଆଜିର ଯୁବପିଢ଼ି ଆଗାମୀ କାଲିର ଭବିଷ୍ୟତ ଏବଂରାଜ୍ୟର ବିକାଶ ତଥା ଦେଶ ଗଠନରେ ସେମାନେ ମୂଲ୍ୟବାନ ଯୋଗଦାନ କରିବାକୁ ଥିବାରୁ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷା ଅନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ମଧ୍ୟ ମତାମତଓ ପ୍ରସ୍ତାବ ପ୍ରଦାନ କରିବାକୁ ପରାମର୍ଶ ରହିଛି ।ଉପଯୋଗୀ ମତାମତ ପ୍ରଦାନକାରୀ ୪୮ ଘଂଟା ମଧ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ପ୍ରମାଣପତ୍ର ଡିଜିଟାଲ ବ୍ୟବସ୍ଥାରେ ପାଇବାର ବ୍ୟବସ୍ଥା ରହିଛି । ଏହି ଭିଜନ ଡକ୍ୟୁମେଂଟ ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ଜନସାଧାରଣ, ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ , ଶିକ୍ଷାବିତ, ନାଗରିକ, ନାଗରିକ ସଂଗଠନ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତନେତୃବୃନ୍ଦ ଏବଂ ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି ଏବଂଏହିପ୍ରକ୍ରିୟାରେ ସମସ୍ତେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଛି ।

### ବିଜେପି ବୁଦ୍ଧିଜୀବୀ ପ୍ରକୋଷ୍ଠ ତରଫରୁ ଆଲୋଚନାଚକ୍ର

# ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ହେଉ

**ଭୁବନେଶ୍ୱର, ୧୮।୧୧ (ମହାଭାରତ):** ରାଜ୍ୟ ବିଜେପି ବୁଦ୍ଧିଜୀବି ପ୍ରକୋଷ୍ଠ ଆନୁକୁଲ୍ୟରେ ଗତ କାଲି ଓଡିଆ ଭାଷା ସୁରକ୍ଷା ଓ ସମୃଦ୍ଧି ବିଷୟରେ ଏକ ଆଲୋଚନା ଚକ୍ର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ଭାଷାର ପ୍ରାଚୀନତା ଓ ଏହାର ସାଂପ୍ରତିକ ସମସ୍ୟାବଳୀ ସଂପର୍କରେ ବିଷଦ ଭାବେ ଆଲୋଚନା କରିଥିଲେ । ଭାରତବର୍ଷରେ ଭାଷାଭିତିକ ମାର୍ଗ, ଜନସାଂଖ୍ୟିକ ମାର୍ଗ, ସମାଜତତ୍ୱିକ ମାର୍ଗ ଓ ଆଇନଗତ ମାର୍ଗରେ ବିଚାର କରିଲେ ଓଡିଆ ଭାଷା ଦୀର୍ଘ ୨୫୦୦ ବର୍ଷ ଧରି ନିରବିଚ୍ଛିନ ଭାବେ ପ୍ରଚଳିତ ହୋଇଆସିଛି । ଓଡିଆ ଭାଷାର ଗବେଷଣା କାଳେ ଗ୍ରହଣ କରାଯିବା ସମୟରେ ଭାଷାର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ହେବା ବିଧେୟ । ଏ ପର୍ଯ୍ୟନ୍ତ ସଠିକ ଭାବେ ଓଡିଆ ଭାଷା – ସାହିତ୍ୟର ଉପଯୁକ୍ତ ପ୍ରଗତି ହୋଇପାରିନାହିଁ । ଓଡିଆ ଅସ୍ମିତାର ପ୍ରସଙ୍ଗ ଚର୍ଚ୍ଚା ହେଉଥିବାବେଳେ ଓଡିଆ ଭାଷାର ସାହିତ୍ୟ ରଚନା ତଦନୁସାରେ ହେବା ଆବଶ୍ୟକ । ଆଜିର ସୃଜନଶୀଳ ସାହିତ୍ୟ ରଚନା ସମୟରେ ଯଥାର୍ଥରେ ମୌଳିକ ସାହିତ୍ୟ ରଚନାର ଆବଶ୍ୟକତା ରହିଛି ।




ଓଡିଆ ଭାଷା ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ସରକାରୀ ସ୍ତରରେ ଯଥେଷ୍ଟ ଉଦ୍ୟମ ହେବାର ଆବଶ୍ୟକତା ରହିଛି । ଓଡିଶାର ବିଛିନ୍ନାଂଚଳରେ ବାସ କରୁଥିବା ଓଡିଆମାନେ ସମ୍ମୁଖୀନ ହେଉଥିବା ଭିନ୍ନ ଭିନ୍ନ ସମସ୍ୟା ସଂପର୍କରେ ବିଷଦ ଆଲୋଚନା କରାଯାଇଥିଲା । ଓଡିଶାର ପଡୋଶୀ ରାଜ୍ୟ ଗୁଡିକରେ ପ୍ରାୟ ୫୦ ଟି ବିଧାନସଭା କ୍ଷେତ୍ରରେ ଓଡିଆ ଭାଷାଭାଷୀ ଭୋଟରମାନଙ୍କ ପ୍ରଭାବ ରହିଛି।

ରାଜ୍ୟ ସଭାପତି ଶ୍ରୀ ସାମଲ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଆବଶ୍ୟକ ଆଇନ ପ୍ରଣୟନ କରାଯିବାର ପ୍ରତିଶୃତି ଦେଇଥିଲେ। ନୂତନ ଭାବେ ଏକ ଭାଷା କମିଶନ ଗଠନ କରିବାକୁ ସରକାର ଉଦ୍ୟମ କରିବେ ବୋଲି ଆଶା ପ୍ରକଟ କରିଥିଲେ । ବିଛିନ୍ନାଂଚଳରେ ଓଡିଆମାନଙ୍କ ଭାଷା ସଂସ୍କୃତି ଓ ପରଂପରାର କିପରି ସୁରକ୍ଷା ହୋଇପାରିବ, ସେ ସଂପର୍କରେ ସରକାର ଉପଯୁକ୍ତ ଯୋଜନା ପ୍ରସ୍ତୁତ କରି କ୍ରିୟାନ୍ୱୟନ କରିବା ଆବଶ୍ୟକତା ବିଷୟରେ ଶ୍ରୀ ସାମଲ ଆଲୋକପାତ କରିଥିଲେ ।

ଏହି ଆଲୋଚନାଚକ୍ରରେ ୨୦୦ରୁ ଉର୍ଦ୍ଧ୍ୱ ଲେଖକ, ସାହିତ୍ୟିକ, ସାମ୍ବାଦିକ, ପ୍ରଶାସନିକ ଅଧିକାରୀ, ସମାଜସେବୀ, ଭାଷାବିତମାନେ ଯୋଗ ଦେଇଥିଲେ ।

ଏହି ଆଲୋଚନାଚକ୍ରର ପରିଚାଳନା କରିଥିଲେ ବିଦ୍ଧିଜୀବି ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଶ୍ରୀ ସୁଦର୍ଶନ ନାୟକ । ଏହି ସଭାର ସଫଳତା ନିମନ୍ତେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଶ୍ରୀ ଭୁବନାନନ୍ଦ ତ୍ରିପାଠୀ ଏବଂ ଶ୍ରୀ ବରାଦା ପ୍ରସନ୍ନ ଦାସ ପ୍ରଚେଷ୍ଟା କରିଥିଲେ।

## ଭିମ୍ ପକ୍ଷରୁ ଏନ୍‌ପିଏସ୍‌ରେ ଅବଦାନ ରାଶି ଦାଖଲ ସୁବିଧା

**ଭୁବନେଶ୍ୱର, ୧୮।୧୧ (ମହାଭାରତ):** ନ୍ୟାସନାଲ୍ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଏନପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନବିଏସ୍ଏଲ୍) ପକ୍ଷରୁ ଭିମ୍ ଆପ୍ ଜରିଆରେ ନ୍ୟାସନାଲ୍ ପେମେଂଟ୍ ସିଷ୍ଟମ୍ (ଏନ୍‌ପିଏସ୍)ରେ ଅବଦାନ ରାଶି ଦାଖଲ ସୁବିଧାର ଶୁଭାରମ୍ଭ କରାଯାଇଛି, ଯାହା ଫଳରେ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ପେନ୍‌ସନ୍ ପାଣ୍ଠିରେ ଯୋଗଦାନର ସରଳୀକରଣ ହୋଇପାରିଛି। ଏକ ନିରବଚ୍ଛିନ୍ନଳ ସୁରକ୍ଷିତ ଓ ସରଳ ଅବସରକାଳୀନ ସଂଚୟ ସମାଧାନ ପ୍ରଦାନ କରିବା ଲାଗି ଏହା 'ଭାରତ କନେକ୍ଟ'କୁ ବ୍ୟବହାର କରୁଛି। ଭିମ୍ ଗ୍ରାହକମାନେ ବର୍ତ୍ତମାନ ଜଟିଳ ବିବରଣୀ ମନେ ରଖିବାର ଆବଶ୍ୟକତା ରହିବ ନାହିଁ। ସହଜରେ ସେମାନେ ଏନପିଏସ ଖାତାରେ ଯୋଗଦାନ କରିପାରିବେ । ଏହା ପରିବର୍ତେ ଗ୍ରାହକମାନେ କେବଳ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବର ଏବଂ ସର୍ବନିମ୍ନ ଗ୍ରାହକ ମାନଦଣ୍ଡ ବ୍ୟବହାର କରି ଯୋଗଦାନ କରିପାରିବେ। ଭିମ୍ ମାଧ୍ୟମରେ ଦିଆଯାଇଥିବା ଯୋଗଦାନଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପ୍ରକ୍ରିୟାକରଣ କରାଯାଇ ଗୋଟିଏ ବ୍ୟବସାୟ ଦିବସ ମଧ୍ୟରେ ବିନିଯୋଗ କରାଯାଏ ଯାହା ଠିକ୍ ସମୟରେ ନିବେଶ ସୁନିଶ୍ଚିତ କରିବ।

ଏନବିଏସଏଲର ମୁଖ୍ୟ ବ୍ୟବସାୟ ଅଧିକାରୀ ରାହୁଲ ହାଣ୍ଡା କହିଛନ୍ତି ଯେ, "ଭୀମରେ ଏନପିଏସ ଯୋଗଦାନ ଯୋଡିବା ସମଗ୍ର ଭାରତରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ଆର୍ଥିକ ସେବାକୁ ଅଧିକ ଉପଲବ୍ଧ କରାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭିମରେ ସିଧାସଳଖ ଏନପିଏସ ଯୋଗଦାନକୁ ସକ୍ଷମ କରି ଆମେ ସମସ୍ତଙ୍କ ପାଇଁ ସକ୍ରିୟ ଅବସର ଯୋଜନା ଏବଂ ଦୀର୍ଘମିଆଦୀ ନିରାପତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛୁ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଏକ ବ୍ୟାପକ ଆର୍ଥିକ ପ୍ଲାଟଫର୍ମ ଭାବରେ ଭିମର ବିକାଶ ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଥିବା ଏକ ଅଧିକ ସ୍ଥିର ରାଷ୍ଟ୍ର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।" ଏନପିସିଆଇ ଭାରତ ବିଲ୍ ପେ ଲିମିଟେଡ୍ (ଏନବିବିଏଲ୍)ର ସିଇଓ ନୂପୁର ଚତୁର୍ବେଦୀ କହିଛନ୍ତି ଯେ, "ଭାରତ କନେକ୍ଟ ଦ୍ୱାରା ପରିଚାଳିତ ଏନ୍‌ପିଏସ୍ ନିବେଶ ପାଇଁ ଉପଲବ୍ଧ ଭିମ୍ ପାଇ ଆମେ ଆନନ୍ଦିତ। ସମଗ୍ର ଭାରତରେ ସମସ୍ତ ନାଗରିକଙ୍କ ପାଇଁ ଆର୍ଥିକ ଉପଲବ୍ଧତା।

## ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ଓ ଭାରତ ଫାଇନାନ୍ସିଆଲ୍ ପକ୍ଷରୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାୟ ସହ ବୁଝାମଣା

**ଭୁବନେଶ୍ୱର, ୧୮।୧୧ (ମହାଭାରତ):** ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ଲିମିଟେଡ୍ (ଆଇବିଏଲ୍) ଓ ଆଇବିଏଲ୍‌ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଭାରତ ଫାଇନାନ୍ସିଆଲ୍ ଇନ୍‌କ୍ଲୁଜନ୍ ଲିମିଟେଡ୍ (ବିଆଇଏଫ୍ଏଲ୍) ପକ୍ଷରୁ ଭାରତ ସଞ୍ଜିବନୀ କୃଷି ଉତ୍‌ଥାନ୍ ଅଭିଯାନର ଶୁଭାରମ୍ଭ ଲାଗି ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର ଘୋଷଣା କରାଯାଇଛି। ଏହି ଅଭିଯାନରେ ସାରା ଦେଶରେ ଏଫ୍‌ପିଓଙ୍କୁ ସଶକ୍ତ କରିବା ଲାଗି ଦୃଢ଼ ଫ୍ରେମ୍‌ୱର୍କ ପ୍ରଦାନ କରି ଭାରତ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ "୧୦,୦୦୦ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ପ୍ରସାର'କୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଫପିଓଗୁଡ଼ିକ କୃଷକମାନଙ୍କୁ ସେମାନଙ୍କର ମୁଲଚାଲ ଶକ୍ତି ବୃଦ୍ଧି କରିବା, ଅର୍ଥନୀତିର ଲାଭ ଉଠାଇବା, ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ଏବଂ ସେମାନଙ୍କ କୃଷିଜାତ ଦ୍ରବ୍ୟର ଏକତ୍ରୀକରଣ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧି କରିବାରେ ସକ୍ଷମ କରନ୍ତି। ଏହା ଚାଷୀମାନଙ୍କ ସ୍ଥାୟୀ ଆୟ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି କେନ୍ଦ୍ରୀୟ କ୍ଷେତ୍ର ଯୋଜନା କୃଷି, ବିଶେଷ କରି ଅବହେଳିତ କୃଷକମାନଙ୍କ ଉତ୍ପାଦକତା ଏବଂ ଲାଭବୃଦ୍ଧି ପାଇଁ ସରକାରଙ୍କ ବ୍ୟାପକ ରଣନୀତିର ଏକ ଅଂଶ। ବିଏଫ୍ଆଇଏଲ୍ ଏବଂ ଆଇବିଏଲର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର) ପଦକ୍ଷେପ ମାଧ୍ୟମରେ ପରିଚାଳିତ ଏହି ସହଯୋଗିତା ଲକ୍ଷ୍ୟ ହେଉଛି ଆନ୍ଧ୍ରପ୍ରଦେଶ, ବିହାର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ତେଲେଙ୍ଗାନା, ଉତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ୧୧ଟି ରାଜ୍ୟରେ କୃଷି ଉତ୍ପାଦକତା ବୃଦ୍ଧି, ସ୍ଥାୟୀ ଚାଷ ପଦ୍ଧତିକୁ ପ୍ରୋତ୍ସାହନ ଦେବା ଏବଂ କୃଷକଙ୍କ ଆୟରେ କ୍ରମାଗତ ଉନ୍ନତି ଆଣିବା।

## ବେଦାନ୍ତ ଆଇରନ୍ ଓର୍ ପକ୍ଷରୁ ସଚେତନତା ଅଭିଯାନ

**ଭୁବନେଶ୍ୱର,୧୮।୧୧ (ମହାଭାରତ):** ବିଶ୍ୱ ପ୍ରତିଷେଧକ ଦିବସ ପାଳନ ଅବସରରେ ବେଦାନ୍ତ ଆଇରନ ଓର ଓଡିଶା (ଆଇଓଓ) ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ସୂଚନାପୂର୍ଣ୍ଣ ଅଧିବେଶନ ମାଧ୍ୟମରେ ସ୍ଥାନୀୟ ଗୋଷ୍ଠୀଙ୍କ ମଧ୍ୟରେ ଟିଟାନସ, ହେପାଟାଇଟସ, ଗର୍ଭାଶୟ କର୍କଟ, ଯକ୍ଷ୍ମା ଇତ୍ୟାଦି ସମ୍ବନ୍ଧୀୟ ଟୀକାକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାସର ସଚେତନତା ପଦକ୍ଷେପ ଆରମ୍ଭ କରିଛି। ଉଦଘାଟନୀ ଅଧିବେଶନରେ ୮୦ରୁ ଅଧିକ ଗୋଷ୍ଠୀର ସଦସ୍ୟ ଯୋଗଦେଇ ଆଶାବାଦୀ ତଥା ନୂତନ ମା'ମାନଙ୍କୁ ଉଭୟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପ୍ରତିଷେଧକର ଗୁରୁତ୍ୱ ବିଷୟରେ ଶିକ୍ଷା ଦିଆଯାଇଥିଲା। ବେଦାନ୍ତର ମୋବାଇଲ ହେଲଥ ୟୁନିଟ(ଏମଏଚୟୁ)ର ଡାକ୍ତର ଅଶୁତୋଷ ମାଝୀଂଙ୍କ ନେତୃତ୍ୱରେ ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତା(ଆଶା) କର୍ମୀଙ୍କ ସହଯୋଗରେ ଏହି ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଭିଯାନ ଗ୍ରାମାଂଚଳର ଜନସଂଖ୍ୟାର ୧୦୦% ଟୀକାକରଣ କଭରେଜ ହାସଲ କରିବା ପାଇଁ ଭାରତ ସରକାରଙ୍କ ମିଶନକୁ ସମର୍ଥନ କରେ ଏବଂ ବିଶେଷକରି ଲାକ୍ଟିଂ ଏବଂ ଗର୍ଭବତୀ ମା, ୦-୩ ବର୍ଷରୁ ଶିଶୁ, ୩-୧୬ ବର୍ଷରୁ ଶିଶୁ ଏବଂ କିଶୋର, ୯-୧୫ ବର୍ଷର ବାଳିକା ଏବଂ ଅନ୍ୟାନ୍ୟ ଅସୁରକ୍ଷିତ ଲୋକଙ୍କୁ ଟାର୍ଗେଟ କରିଥିଲା। ଆସନ୍ତା ମାସରେ, ବେଦାନ୍ତ ଏକାଧିକ ଅଧିବେଶନ ଆୟୋଜନ କରିବ ଯାହା ଟେଟାନସ, ହେପାଟାଇଟିସ, ଗର୍ଭାଶୟ କର୍କଟ, ଏବଂ ଯକ୍ଷ୍ମା ଭଳି ରୋଗର ପ୍ରତିଷେଧକ ବିଷୟରେ ଗୋଷ୍ଠୀ ପାଇଁ ଡିଜାଇନ ହୋଇଛି। ଏବଂ ପରିବାର ମଧ୍ୟରେ ଟୀକାକରଣ ଅଭ୍ୟାସକୁ ଉତ୍ସାହିତ କରିବା ଏହାର ଲକ୍ଷ୍ୟ। ସମଗ୍ର ଅଭିଯାନରେ ୧୦୦୦ରୁ ଅଧିକ ଗୋଷ୍ଠୀର ସଦସ୍ୟଙ୍କୁ କଭର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପ ଉପରେ ଆଲୋକପାତ କରି ବେଦାନ୍ତ ଆଇରନ ଓଡ଼ିଶାର ସିଏସଆର ଏବଂ ଇଆର ମୁଖ୍ୟ ସମ୍ବିତ ନାୟକ, କହିଲେ, ଆମର ପ୍ରତିଷେଧକ ସଚେତନତା ଅଭିଯାନ ଗୋଷ୍ଠୀଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବା ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସ୍ଥାନୀୟ ମହିଳା ନେତା ଏବଂ ଆଶା କର୍ମୀମାନଙ୍କ ସହିତ ଅଂଶୀଦାର କରି ଆମେ ପ୍ରତିଷେଧକ ପାଇଁ ଏକ ଦୃଢ଼ ମୂଳଦୁଆ ଦ୍ୱାରା ଗୋଷ୍ଠୀର ପ୍ରତ୍ୟେକ ମା' ଏବଂ ଶିଶୁକୁ ପ୍ରତିଷେଧକ ଯୋଗ୍ୟ ରୋଗରୁ ସୁରକ୍ଷିତ ରଖିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପଦକ୍ଷେପ ସ୍ଥାନୀୟ ଗୋଷ୍ଠୀଙ୍କୁ ଫେରାଇବା ଏବଂ ସମର୍ଥନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରମାଣିତଚ କରୁଛି।

## ଗୋଦରେଜ୍ 'ହାପିନେସ୍ ଅନ୍ ଦି ମୁଭ୍' ଅଭିଯାନ

**ଭୁବନେଶ୍ୱର, ୧୮।୧୧ (ମହାଭାରତ):** ଖୁସିବାଂଟିବା ଓ ଅର୍ଥପୂର୍ଣ୍ଣସ୍ମରଣୀୟମୁହୁର୍ତସୃଷ୍ଟିକରିବାକୁ ପ୍ରତିବଦ୍ଧ ଗୋଦରେଜ୍ ଆପ୍ଲାଏନ୍‌ସେସ୍ ପକ୍ଷରୁ "ହାପିନେସ୍ ଅନ୍ ଦି ମୁଭ୍' ନାମକହୃଦୟସ୍ପର୍ଶୀ ଅଭିଯାନ ଜରିଆରେଶିଶୁ ଦିବସ ପାଳନ କରାଯାଇଛି। ନିଜର ଉନ୍ନତ ଡିପ୍ ଫ୍ରିଜର୍ ଓ ଭିସି-କୁଲରଜରିଆରେକମ୍ପାନି ପକ୍ଷରୁଭୁବନେଶ୍ୱରରେ ଏକ ଆଇସ୍‌କ୍ରିମ୍‌ଭ୍ୟାନ୍‌ଜରିଆରେ ଅନଗ୍ରସର ପିଲାମାନଙ୍କୁ ଆଇସକ୍ରିମ୍, ଜୁସ୍ ଓ ଦୁଗ୍ଧ ପାନୀୟବଂଟନ କରାଯାଇଛି, ଯାହାଫଳରେସେମାନଙ୍କ ପାଇଁଏହି ଦିବସଟିବେଶ୍ ସ୍ୱତନ୍ତ୍ର ହୋଇପାରିଥିଲା। ଖୁସି ଓ ଉଲ୍ଲାସ ଦେବାଲାଗି ପ୍ରସ୍ତୁତକରାଯାଇଥିବାଏହି ଅଭିଯାନରେସହରରବିଭିନ୍ନସ୍ଥାନରେ ଆଇସ୍‌କ୍ରିମ୍ ଓ ପାନୀୟବଂଟନ କରାଯାଇଥିଲା।

## ଟାଟା କନ୍‌ସଲ୍‌ଟିଂ ଇଞ୍ଜିନିୟର୍ସ ପକ୍ଷରୁ ଅଭଡ଼ା ସ୍କିମ୍ ଜରିଆରେ ଭିତିଭୂମିର ରୂପାନ୍ତରୀକରଣ

**ଭୁବନେଶ୍ୱର, ୧୮।୧୧ (ମହାଭାରତ):** ଦେଶର ଅଗ୍ରଣୀ ଇଞ୍ଜିନିୟରିଂ କନସଲ୍‌ଟିଂ କମ୍ପାନି ଟାଟା କନ୍‌ସଲ୍‌ଟାନ୍ସି ଇଞ୍ଜିନିୟର୍ସ (ଟିସିଇ) ପକ୍ଷରୁ ଅଭଡ଼ା ସ୍କିମ୍ ଅଧୀନରେ ପୁରୀରେ ସଫଳତାର ସହ ପ୍ରକଳ୍ପ ନିର୍ମାଣ ଓ ତଦାରଖ କରାଯାଇଛି। କମ୍ପାନିର ଏହି କାର୍ଯ୍ୟ ଭବିଷ୍ୟତକୁ ଆକାର ପ୍ରଦାନ କରିବା ଏବଂ ସହରାଚଂଳ ଭିତିଭୂମିରେ ଉନ୍ନତି ଆଣିବାରେ ଟିସିଇର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅଭିଯାନର ଲକ୍ଷ୍ୟ ହେଉି ସହରର ଐତିହ୍ୟ ଓ ସାଂସ୍କୃତିକ ଗୁରୁତ୍ୱକୁ ସୁଦୃଢ଼ କରିବା ଯାହା ଦ୍ୱାରା ଉଭୟ ସହରର ବାସିନ୍ଦା ଓ ଆଗମନକାରୀ ପର୍ଯ୍ୟଟକଙ୍କ ଆବଶ୍ୟକତା ପୂରଣ ହୋଇପାରିବ। ବିକାଶ ଉପରେ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପଗୁଡ଼ିକୁ ବିଭିନ୍ନ ସେବା ପାଇବାରେ ଉନ୍ନତି ଆଣିବା ଲାଗି ପ୍ରସ୍ତୁତ କରାଯାଇଛି ଯେ ପରିଦର୍ଶନକାରୀଙ୍କ ଅନୁଭୂତିରେ ଉନ୍ନତି ଆଣିବ ଏବଂ ପୁରୀରେ ସମୃଦ୍ଧ ସାଂସ୍କୃତିକ ଦୃଶ୍ୟପଟ୍ଟର ସଂରକ୍ଷଣ କରିବ। ବଡ଼ଦାଣ୍ଡର ପୁରୀ ମୁନିସପାଲ ବଜାର ପ୍ରକଳ୍ପରେ ପାଂଚ ମହଲା କୋଠା, ପାର୍କିଂ ସୁବିଧା ଓ ଏକାଧିକ ଦୋକାନ ରହିବ ରହବ ଯାହା ଆଧୁନିକ ସୁବିଧାସୁଯୋଗ ପ୍ରଦାନ କରିବ। ଜେଲ୍ ରୋଡ୍‌ରେ ଏକ ବହୁତଳ କାର୍ ପାର୍କିଂ ସୁବିଧା ରହିବ ଯାହା ସହରରେ ଭିଡ଼ କମ୍ କରିବା ସହ ସହରାଚଂଳ ଗମନାଗମନରେ ଉନ୍ନତି ଆଣିବ। ମୋଚି ସାହିରେ ମହୋଦୋଧି ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଛଅ ମହଲା କୋଠା ସହ ପାର୍କିଂ, ଦୋକାନ, କାର୍ଯ୍ୟାଳୟ ସ୍ଥାନ ରହିବ।

# ଚୀନ - ଭାରତ ସମ୍ପର୍କ

ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ । ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ । କାରଣ ଯେତେବେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ । ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି । ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି । ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ । ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି । ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ । କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା । ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ । ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି । ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି । ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି । କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ । ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି । ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି । ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା । ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା । ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି । ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି । ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ । ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି । ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି । କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ । ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ । କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ,ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି । ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି । ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି । ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି । ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ । ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି । ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ୍ୟ ଏହାକୁ ଭୟ କରୁଛି ।

# ଲୋକଙ୍କ ସମସ୍ୟା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ

॥ ଗୋପାଳ ମହାପାତ୍ର ॥

> ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ଦେଶର ଜନସଂଖ୍ୟା ୩୩କୋଟି ଥିଲା ବୋଲି ଆକଳନ କରାଯାଇଥିଲା । ୧୯୫୧ରେ ଭାରତ ସରକାରଙ୍କ ପକ୍ଷରୁ ଜନଗଣନା ହେବା ପରେ ଜନସଂଖ୍ୟା ପାଖାପାଖି ୩୬କୋଟି ବୋଲି ଜଣାପଡ଼ିଥିଲା । ଇଂରେଜ ଶାସନ କାଳରେ ପ୍ରତି ୧୦ ବର୍ଷରେ ଜନଗଣନା ହେଉଥିଲା ଏବେ ଏବେ ମଧ୍ୟ ସେଇ ପ୍ରଥା ଚାଲିଛି । ସେତେବେଳେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଏପରିକି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ନିଃଶୁଳ୍କ ଥିଲା ।

ଶାସନ ଗାଦିହାସଲ ପାଇଁ କିଛି ବି କରାଯାଇପାରେ, ଏଥିପାଇଁ କିଛି ଅସମ୍ଭବ ନୁହେଁ । ରାଜନେତା ମାନଙ୍କର ସଦୈବ ଏହି ଇଚ୍ଛା ଥାଏ, ଆଗକୁ ମଧ ରହିବ । ନିର୍ବାଚନ ସମୟରେ ନେତା ସାଧାରଣ ଜନତାଙ୍କୁ ଯେଉଁସବୁ ଆଶ୍ୱାସନା ଓ ପ୍ରତିଶ୍ରୁତି ସବୁ ଦେଇଥାନ୍ତି ସେ ସବୁକୁ କ'ଣ ସେମାନେ ପୂରଣ କରିଥାନ୍ତି ? ହୋଇପାରେ କିଛି ନେତା ତାଙ୍କ ପ୍ରତିଶ୍ରୁତି ପୂରଣ କରିଥାନ୍ତି ? କିନ୍ତୁ ଅନେକେ ପ୍ରତିଶୃତି ପୂରଣ କରିବାରେ ବିଫଳ ହୋଇଥାନ୍ତି । ଯଦି ନେତା ତାଙ୍କ ପ୍ରତିଶୃତି ପୂରଣ କରୁଥାନ୍ତେ ତେବେ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ୭୫ ବର୍ଷ ପୂର୍ଣ୍ଣ ହେବା ପରେ ଭାରତ ଆମେରିକା ଭଳି ବିକଶିତ ଦେଶ ଭାବେ ଉଭା ହୋଇଥାନ୍ତା ଓ ଭାରତୀୟମାନେ ଆମେରିକା ଭଳି ବିକଶିତ ଦେଶମାନଙ୍କୁ ଜୀବିକାଅର୍ଜନ ପାଇଁ ଯାଉନଥାନ୍ତେ । ଲୋକେ ନିଜ ନିଜର ଜୀବିକା ଅର୍ଜନ ପାଇଁ ଯେ କୌଣସି ସ୍ଥାନ(ଦେଶ)କୁ ଯାଇପାରିବେ । ଏହା ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତା । ଏକଥା ଆମେ ଆମ ଭାରତୀୟ ମାନସିକତାରେ ଭାବୁଛେ । କିନ୍ତୁ କେତେଜଣ ଆମେରିକୀୟ ବା ବିକଶିତ ଦେଶର ଲୋକେ ଜୀବିକା ଅର୍ଜନ ପାଇଁ ଭାରତ ଆସୁଛନ୍ତି ? ଆମ ଦେଶ ଭାରତର ଯେ ବିକାଶ ହୋଇନାହିଁ ସେ କଥା ମଧ କୁହାଯାଇ ପାରିବ ନାହିଁ । ଭାରତର ବିକାଶ ଘଟିଛି ନିଶ୍ଚୟ । ସତ୍ୟ ହେଉଛି ଦେଶ ସ୍ୱାଧୀନ ହେବା ପରେ ଆମ ପାଖରେ ଥିଲା କ'ଣ ? ସବୁ କିଛି ଇଂରେଜମାନେ ଲୁଟି ନେଇଥିଲେ । ସେଥିପାଇଁ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ କହିଥିଲେ ଯେ ଯଦି ଭାରତର ଶାସନ ଅଯୋଗ୍ୟ ରାଜନେତାଙ୍କ ହାତରେ ପଡ଼ିଯିବ ତେବେ ଭାରତ ଖଣ୍ଡ ଖଣ୍ଡ ହୋଇ ବିଭାଜିତ ହୋଇଯିବ । କିନ୍ତୁ ଏମିତି ହୋଇନଥିଲା କି ହେବନାହିଁ । ଯଦି ଚର୍ଚ୍ଚିଲ ଆଦି ବଞ୍ଚିଥାନ୍ତେ ତେବେ ଭାରତର ଏକଜୁଟତା ଏବଂ ବିକାଶକୁ ଦେଖି ଆତ୍ମହତ୍ୟା କରିଥାନ୍ତେ ନିଶ୍ଚୟ । ଦେଶ ଯେତିକି ବିକାଶ କରିଛି ତାଠାରୁ ଅଧିକ ବିକାଶ ହୋଇଥାନ୍ତା ଯଦି ଆମ ରାଜନେତାମାନେ ପରସ୍ପର ମଧ୍ୟରେ କଳହ ନକରି ଦଳଗତ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଦେଶର ବିକାଶ କଥା ଚିନ୍ତା କରିଥାନ୍ତେ ।

ଦେଶର ସ୍ୱାଧିନତା ସଂଗ୍ରାମରେ ଅନେକଙ୍କର ଯୋଗଦାନ ରହିଛି । କେତେକଙ୍କ ଯୋଗଦାନ ମଧ ଅଜ୍ଞାତ ହୋଇ ରହିଯାଇଛି । ଆମେ ସେମାନଙ୍କୁ ହୁଏତ ଭୁଲିଯାଇ ପାରିଥାଏ କିନ୍ତୁ ସ୍ୱାଧିନତା ସଂଗ୍ରାମରେ କଂଗ୍ରେସର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ଏକଥା ସମସ୍ତେ ସ୍ୱୀକାର କରିବେ ନିଶ୍ଚୟ । ଏକଥା ମଧ ଠିକ୍ ଯେ ୧୯୨୫ ମସିହା ବିଜୟାଦଶମୀ ଦିନ ଡକ୍ଟର ହେଡ଼ଗେୱାର ଏକ ସଂସ୍ଥା ଆରମ୍ଭ କରିଥିଲେ ଯାହାର ନା ହେଉଛି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ । ଡକ୍ଟର ହେଡେଗେୱାରଙ୍କର ଉଦ୍ଦେଶ୍ୟ ମଧ ରାଷ୍ଟ୍ରୀୟ ସ୍ୱାଧିନତା ଥିଲା । ସଂଘର ସ୍ୱୟଂସେବକଙ୍କୁ ଶପଥ ଦିଆଯାଇଥାଏ ଯେ ରାଷ୍ଟ୍ରର ସ୍ୱତନ୍ତ୍ରତା ପାଇଁ ତନ-ମନ-ଧନରେ ଆଜନ୍ମ ଏବଂ ପ୍ରାମାଣିକତା ସହ ପ୍ରୟତ୍ନ କରିବେ । ସଂଘର ସ୍ୱୟଂସେବକ ମାନେ ସ୍ୱାଧିନତା ସଂଗ୍ରାମରେ ନିଜର ଭୂମିକା ନିର୍ବାହ କରିଥିଲେ ବୋଲି ସଂଘ କହୁଛି । କିନ୍ତୁ ସଂଘର ଦେଶ ଭକ୍ତିକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି । ସ୍ୱାଧୀନତା ଆନ୍ଦୋଳନରେ ସଂଘର ଯୋଗଦାନ କ'ଣ ଥିଲା ବୋଲି ମଧ ପ୍ରଶ୍ନ ଉଠେ । ସଂଘକୁ ଅନେକ ସମୟରେ ପ୍ରଶ୍ନ କରାଯାଏ ଯେ ୧୯୪୭ରେ ଦେଶ ସ୍ୱାଧିନ ହେବା ପରଠାରୁ ୧୯୫୨ ପର୍ଯ୍ୟନ୍ତ ସଂଘର ମୁଖ୍ୟ ନାଗପୁର କାର୍ଯ୍ୟାଳୟରେ ତ୍ରିରଙ୍ଗା ଉଡ଼ାଯାଉନଥିଲା କାହିଁକି ? ଅନେକଙ୍କ ମତରେ ଦେଶର ସ୍ୱାଧିନତା ସଂଗ୍ରାମରେ ସଂଘର ଯୋଗଦାନ ନଥିଲା । ସ୍ୱାଧିନତା ସଂଗ୍ରାମରେ ସଂଘର ଯୋଗଦାନ କ'ଣ ଥିଲା କାହିଁକି ୧୯୫୨ ପର୍ଯ୍ୟନ୍ତ ନାଗପୁର କାର୍ଯ୍ୟାଳୟରେ ଜାତୀୟ ପତାକା ଉଡ଼ାଯାଇ ନଥିଲା ତା ବାବଦରେ ଅଧିକ ବିମର୍ଷ ହେବା ଆବଶ୍ୟକ । ଆଉ ଏକ ପ୍ରସଙ୍ଗ ହେଉଛି ସଂଘ କେବେ କଂଗ୍ରେସକୁ ଗୁରୁତ୍ୱ ଦେଉନଥିଲା କି ଏବେ ମଧ ଗୁରୁତ୍ୱ ଦେଉନାହିଁ । ସେଇଥିପାଇଁ ସଂଘର ସହଯୋଗୀ ଭାରତୀୟ ଜନତା ପାର୍ଟି କଂଗ୍ରେସ ମୁକ୍ତ ଭାରତ କଥା କହୁଛି । ଅନ୍ୟପକ୍ଷରେ କଂଗ୍ରେସ ମଧ ସଂଘକୁ ବିରୋଧ କରୁଛି । ଯଦି ଉଭୟ ପକ୍ଷ ଏ ପ୍ରକାର ବିରୋଧାତ୍ମକ ମାନସିକତାରୁ ଦୁରେଇ ଯାଇ ଦେଶରୁ ଗରିବୀ ହଟାଓ, ବେରୋଜଗାରୀ ହଟାଓ, ଦରଦାମକୁ ନିୟନ୍ତ୍ରଣ କରିବା ଆଦିକୁ ଗୁରୁତ୍ୱ ଦିଅନ୍ତେ ଦେଶର ସାମଗ୍ରିକ ବିକାଶ ହୋଇପାରନ୍ତା ନିଶ୍ଚୟ ।

୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଦେଶର ଜନସଂଖ୍ୟା ୩୩କୋଟି ଥିଲା ବୋଲି ଆକଳନ କରାଯାଇଥିଲା । ୧୯୫୧ରେ ଭାରତ ସରକାରଙ୍କ ପକ୍ଷରୁ ଜନଗଣନା ହେବା ପରେ ଜନସଂଖ୍ୟା ପାଖାପାଖି ୩୬କୋଟି ବୋଲି ଜଣାପଡ଼ିଥିଲା । ଇଂରେଜ ଶାସନ କାଳରେ ପ୍ରତି ୧୦ ବର୍ଷରେ ଜନଗଣନା ହେଉଥିଲା ଏବେ ଏବେ ମଧ ସେଇ ପ୍ରଥା ଚାଲିଛି । ସେତେବେଳେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଏପରିକି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ନିଃଶୁଳ୍କ ଥିଲା । ଯଦିଓ କିଛି ଘରୋଇ ଶିକ୍ଷାନୁଷ୍ଠାନ ଥିଲା ତେବେ ଶିକ୍ଷାର ପ୍ରବନ୍ଧନ ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦାୟୀତ୍ୱ ଥିଲା । ସ୍ୱାଧିନତା ସମୟରେ(୧୯୪୭) ପ୍ରତି ବ୍ୟକ୍ତିର ବାର୍ଷିକ ଆୟ ୨୪୯ ଟଙ୍କା ୬୦ ଟଇସା ଥିଲା । ୨୦୨୨ ଶେଷ ସୁଦ୍ଧା ଭାରତର ଜନ ସଂଖ୍ୟା ୧୪୦କୋଟିକୁ ଟପିଯାଇଛି । ଲୋକଙ୍କ ବାର୍ଷିକ ଆୟ ବଢ଼ିଯାଇ ୧ଲକ୍ଷ ୭୨ ହଜାରରେ ପହଞ୍ଚିଛି ବୋଲି ଏନ୍ଏସଓ ର ରିପୋର୍ଟ କହୁଛି, ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତ ପ୍ରଗତି ପଥରେ ଆଗେଇଛି ନିଶ୍ଚୟ ହେଲେ କିଛି ତୃଟି ମଧ ରହିଛି । ଏକଥା ଏଇଥିପାଇଁ କୁହାଯାଉଛି ଯେ ଭାରତ ସ୍ୱାଧିନ ହେବା ବେଳେ ଟଙ୍କା ଏବଂ ଡଲାରର ମୂଲ୍ୟ ପ୍ରାୟତଃ ସମାନଥିଲା । କିନ୍ତୁ ଏବେ ଡଲାରର ବିନିମୟ ମୂଲ୍ୟ ୮୦ ଟଙ୍କା ବା ତା ଠାରୁ ଅଧିକ ହେଲାଣି । ସୁନା ଭରି(୧୦ଗ୍ରାମ)ର ମୂଲ୍ୟ ସେତେବେଳେ ୮୦ଟଙ୍କା ଥିଲା ଏବେ ୫୫ ହଜାରରୁ ଅଧିକ ହେଲାଣି । ଆମ ଟଙ୍କାର ଏତେ ଅବମୂଲ୍ୟାୟନ ହେଲା କାହିଁକି ଓ କେମିତି ହେଲା ? ନିଶ୍ଚିତ ଭାବରେ ଆମ ଆର୍ଥୀକ ବ୍ୟବସ୍ଥାରେ କିଛି ତୃଟି ରହିଛି । ଏହି ଅବମୂଲୟାୟନର କାରଣ ମଧରୁ ବିମୁଦ୍ରୀକରଣ, କୋରୋନା ମହାମାରୀ ସମୟରେ ବ୍ୟବସାୟ ଠପ୍ ହେବା ଓ ଶିଳ୍ପ ସଂସ୍ଥା ବନ୍ଦ ହୋଇଯିବା ଭଳି କାରଣ ମଧ ଅନ୍ୟତମ । ଅନେକେ ଏହାକୁ ସରକାରଙ୍କ ବିଫଳତା ବୋଲି କହୁଛନ୍ତି ।

ଦେଶରେ ଜାତିଗତ ବିଦ୍ୱେଷ, ହିନ୍ଦୁ-ମୁସଲିମ କହି ସମାଜକୁ ବିଭାଜିତ କରିବା, ଉଚ୍ଚ ଜାତି, ନୀଚଜାତି, ପଛୁଆ ଜାତି ଭଳି ଜାତିକୁ ବିଭାଜିତ କରାଯିବା ଓ ସର୍ବୋପରି ଶିଳ୍ପପତି ମାନଙ୍କୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଗରୀବ ଲୋକଙ୍କୁ ୫କେଜି ଚାଉଳ ଗହମ ବାଣ୍ଟିବା ଭଳି ଘଟଣା କେବଳ ସମାଜକୁ ନୁହେଁ ଦେଶକୁ ଦୁର୍ବଳ କରିଦେଉଛି । କେବଳ ଏତିକି ନୁହେଁ ଦେଶ ଭିତରେ ଆଭ୍ୟନ୍ତରୀଣ କଳହ, ଏକଛତ୍ର ଶାସନ କବିବାର ଇଚ୍ଛା ମଧ ଦେଶର ବିକାଶ ପାଇଁ ବାଧା ସୃଷ୍ଟି କରୁଛି । ଶାସନ ଗାଦିରେ ଯିଏ ବସୁଛି ସିଏ ଲୋକଙ୍କ ସମସ୍ୟାକୁ ଗୁରତ୍ୱ ଦେବା ପରିବର୍ତ୍ତେ ପୂର୍ବ ସରକାରର ଦୋଷ ଗୁଣ ବଖାଣି ଲୋକଙ୍କ ଧ୍ୟାନ ସେଇ ଆଡ଼କୁ ଟାଣିନେବାକୁ ଚେଷ୍ଟା କରୁଛି । ଦେଶରେ ଶିକ୍ଷିତ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ । ଦେଶରେ ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଲୋକେ ଦରଦାମ ବୃଦ୍ଧି ଯୋଗୁଁ ନୟାନ୍ତ ହେଉଥିବା ବେଳେ ସରକାର ଏକଥାକୁ ଏଡ଼ାଇ ଚାଲିଛନ୍ତି । ଦେଶରେ ଭିନ୍ନ ଏକ ମାହୋଲ ସୃଷ୍ଟି ହେବାରେ ଲାଗିଛି । ସରକାରୀ ଦଳ କଂଗ୍ରେସ ମୁକ୍ତ ଭାରତ କଥା କହୁଥିବା ଓ କଂଗ୍ରେସର ଦୋଷ ଦୁର୍ଗୁଣ ଏବଂ କଂଗ୍ରେସ ସରକାର ଅମଳର ଭ୍ରଷ୍ଟାଚାର କଥା ବଖାଣୁଥିବା ବେଳେ କଂଗ୍ରେସ ମଧ ସରକାରୀ ଦଳର ଭ୍ରଷ୍ଟାଚାର ବାବଦରେ ଅନେକ ଅଭିଯୋଗ ଆଣୁଛି । ନେତା ମାନଙ୍କର ବକ୍ତବ୍ୟରେ ଅନେକ ସମୟରେ ଶାଳୀନତା ମଧ ରହୁନାହିଁ । ସଂସଦ କାର୍ଯ୍ୟ ଠିକ୍ ଭାବରେ ଚାଲିପାରୁନାହିଁ । ଗାନ୍ଧୀ-ନେହେରୁଙ୍କୁ ଅପମାନିତ କରାଯାଉଛି, ହିନ୍ଦୁ ଓ ମୁସଲିମ ସମାଜମଧରେ ଘୃଣା ଭାବ ବଢୁଛି । ଦେଶର ସାର୍ବଜନୀନ ସମ୍ପତ୍ତି ବିକ୍ରୀ ହେବାରେ ଲାଗିଛି । ଏମିତି ଅନେକ କଥା ଚାଲିଛି ଯେଉଁଥିପାଇଁ କିଂଭୂତକିମାକାର ପରିସ୍ଥିତି ସୃଷ୍ଟି ହେଉଛି । ଏବେ କିଛିଦିନ ତଳେ ନୂତନ ସଂସଦଭବନ ଉଦ୍‌ଘାଟନ ସମୟର ସେଙ୍ଗୋଲ(ରାଜଦଣ୍ଡ)କୁ ନେଇ ମଧ ବିବାଦ ସୃଷ୍ଟି ହୋଇଛି । ତାମିଲ ଭାଷାରେ ସେଙ୍ଗୋଲର ଅର୍ଥ ନ୍ୟାୟ । ଚୋଳ ଶାସକମାନଙ୍କ ରାଜ୍ୟାଭିଷେକ ସମାରୋହରେ ସେଙ୍ଗୋଲକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଗତ ମେ ମାସ ୨୯ତାରିଖରେ ଇଣ୍ଡିଆନ ଏକ୍ସପ୍ରେସ୍ ଖବରକାଗଜରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅନ୍ୟତମ ପ୍ରମୁଖ ରାମ ମାଧବଙ୍କର 'ଦି ସୁପ୍ରିମ୍ ଅଥରିଟି' ଶୀର୍ଷକ ଲେଖା ପ୍ରକାଶ ପାଇଥିଲା । ରାମ ମାଧବ ସେଥିରେ ସେଙ୍ଗୋଲ କଥା ଉଠାଇ ରାଜଦଣ୍ଡକୁ ରାଜଚିହ୍ନର ପ୍ରତୀକ ବୋଲି ଉଲ୍ଲେଖ କରିଛନ୍ତି । ନରୱେ, ସ୍ୱିଡେନ୍, ଇଂଲଣ୍ଡରେ ଏବେ ରାଜଦଣ୍ଡର ପ୍ରଚଳନ ଅଛି ବୋଲି ମଧ ଲେଖିଥିଲେ । କିନ୍ତୁ ଏବେ ଭାରତରେ ରାଜତନ୍ତ୍ର ନାହିଁ । ଏଣୁ ସେଙ୍ଗୋଲ ପ୍ରସଙ୍ଗ ଉଠାଇ ରାମମାଧବ କ'ଣ କହିବାକୁ ଚାହୁଁଛନ୍ତି ? ସଂସଦ ଭବନ ଉଦ୍‌ଘାଟନ ସମାରୋହରେ ରାଷ୍ଟ୍ରପତି ଉପରାଷ୍ଟ୍ରପତିଙ୍କ ଅନୁପସ୍ଥିତିକୁ ନେଇ ଅନେକ ପ୍ରଶ୍ନ ମଧ ଉଠୁଛି । ଶାସକ ଓ ବିରୋଧି ପରସ୍ପର ବିରୁଦ୍ଧରେ କହିବେ । ରାଜନୀତିରେ ଏହା ନୂଆ କଥା ନୁହେଁ । କିନ୍ତୁ ସବୁ ପରେ ଲୋକଙ୍କ ଜ୍ୱଳନ୍ତ ସମସ୍ୟା କଥା ବୁଝିବା ଓ ଏହାର ସମାଧାନ କରାଯିବା ମଧ ଜରୁରୀ । ସରକାରୀ ଦଳ ହୁଅନ୍ତୁ ବା ବିରୋଧି ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବା ସର୍ବାଦୌ ଆବଶ୍ୟକ ଅନ୍ୟଥା ଲୋକଙ୍କ ମୁଡ୍ (ମାନସିକତା) କେତେବେଳେ ବି ବଦଳିଯିବ ସେକଥା କହିବା ମୁସ୍କିଲ୍ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ବିଜୁଳି ବଳକା ଓଡ଼ିଶା ରାଜ୍ୟରେ ବିଜୁଳି ହୁଗୁଳା

॥ ସତ୍ୟ ମହାପାତ୍ର ॥

ଏବେ ଖରାର ତାତି ଅହେତୁକ ଭାବେ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ବାରମ୍ବାର ବିଜୁଳି କାଟ ହେଉଛି । ରାଜ୍ୟର ଉପାନ୍ତ ବା ଆଦିବାସୀ ବହୁଳ ଅଞ୍ଚଳ କଥା ଛାଡ଼ାନ୍ତୁ । କଟକ-ଭୁବନେଶ୍ୱର ପରି ଦ୍ୱୈତ ନଗରୀରେ ମଧ୍ୟ ବାରମ୍ବାର ବିଜୁଳି କାଟ ହେଉଛି । ବିଜୁଳି ଦାୟିତ୍ୱ ନେଇଥିବା ଟାଟା କମ୍ପାନୀ କହୁଛନ୍ତି ଯେ, ମେଣ୍ଟେନାନ୍ସ ପାଇଁ ବିଜୁଳି କଟା ହେଉଛି । କିନ୍ତୁ ବାସ୍ତବ କଥା ଅଲଗା । ରାଜ୍ୟରେ ପର୍ଯ୍ୟାପ୍ତ ବିଦ୍ୟୁତ ଉପଲବ୍ଧ ଥିବା ସତ୍ତ୍ୱେ ଗ୍ରୀଷ୍ମକାଳରେ ଘନ ଘନ ବିଦ୍ୟୁତ୍ କାଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ନୂଆଦିଲ୍ଲୀସ୍ଥିତ ଶକ୍ତି, ପରିବେଶ ଓ ଜଳ ପରିଷଦ ଘରୋଇ କ୍ଷେତ୍ରରେ ଶକ୍ତି ବ୍ୟବହାର ସଂପର୍କରେ ତାର ରିପୋର୍ଟ ପ୍ରକାଶ କରିଛି । କାଉନସିଲ ଅନ୍ ଏନର୍ଜି, ଏନଭାୟରନମେଣ୍ଟ ଏଣ୍ଡ ୱାଟର ୨୦୨୦ ମସିହା ରିପୋର୍ଟରେ କୁହାଯାଇଛି ଯେ ଭାରତ ବର୍ଷରେ କୌଣସି ରାଜ୍ୟ ପାୱାର କଟରୁ ମୁକ୍ତ ନୁହେଁ । ହେଲେ ଉଦବେଗର ବିଷୟଟି ହେଉଛି ଯେ ଓଡ଼ିଶାର ଗ୍ରାମାଞ୍ଚଳର ପାୱାର କଟ ଜାତୀୟ ହାରାହାରି ପାୱାର କଟ ସମୟ ଅବଧି ଠାରୁ ଅଧିକ ରହିଛି । ଜାତୀୟସ୍ତରରେ ସହରାଞ୍ଚଳରେ ଦିନକୁ ହାରାହାରି ୧ଘଣ୍ଟା ୪୦ ମିନିଟ ପାୱାର କଟ ହେଉଛି । ଗ୍ରାମାଞ୍ଚଳ ଏହା ୪ ଘଣ୍ଟା ଅଟେ । ଓଡ଼ିଶାରେ କିନ୍ତୁ ଗ୍ରାମାଞ୍ଚଳରେ ଦୈନିକ ୪ ଘଣ୍ଟା ୧୦ ମିନିଟ ବିଦ୍ୟୁତ୍ କାଟ ହେଉଥିବାବେଳେ ସହରାଞ୍ଚଳରେ ଜାତୀୟ ହାର ଠାରୁ ସାମାନ୍ୟ କମ ଅର୍ଥାତ ୧ଘଣ୍ଟା ୩୦ ମିନିଟ ପାଖାପାଖି ଲୋକ ଅନ୍ଧାରରେ ରହୁଛନ୍ତି ।

ଉକ୍ତ ରିପୋର୍ଟ କହୁଛି ଯେ ଉତ୍ତରପ୍ରଦେଶରେ ସବୁଠାରୁ ଅଧିକ ପାୱାର କଟ ହେଉଛି । ସେଠାରେ ଗ୍ରାମାଞ୍ଚଳରେ ଦୈନିକ ଆଠ ଘଣ୍ଟା ଓ ସହରାଞ୍ଚଳରେ ଚାରି ଘଣ୍ଟା ପାୱାର କଟ କରାଯାଉଛି । ଓଡ଼ିଶା ଠାରୁ ଅଧିକ ପାୱାର କଟ ଝାଡ଼ଖଣ୍ଡ, ହରିୟାଣା, ଆସାମ, ବିହାର, ରାଜସ୍ଥାନ, ଛତିଶଗଡ଼ ଭଳି ରାଜ୍ୟରେ ହେଉଛି । ଏ କ୍ଷେତ୍ରରେ ଉଲ୍ଲେଖନୀୟ ଦିଗଟି ହେଉଛି ବିକଶିତ ରାଜ୍ୟରେ ପାୱାର କଟ ପରିମାଣ ଯଥେଷ୍ଟ କମ । ଦିଲ୍ଲୀରେ ସବୁଠାରୁ କମ ସମୟ ପାୱାର କଟ କରିବାକୁ ପଡୁଛି । ଏଠାରେ ଦୈନିକ ପାୱାର କଟ ଅବଧି ମାତ୍ର ୩୦ ମିନିଟ ରହିଛି । ସେହିଭଳି ଜାତୀୟ ହାରାହାରି ପାୱାର କଟ ଠାରୁ ଯଥେଷ୍ଟ କମ ସମୟ ପାୱାର କଟ କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଞ୍ଜାବ, ତାମିଲନାଡୁ, ଗୁଜୁରାଟ, କେରଳରେ ହେଉଛି । କେରଳରେ ପାୱାର କଟ ସମୟ ଦିଲ୍ଲୀ ପରେ ତଳଆଡୁ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଗୁଜୁରାଟ ଏହି ଧାରାରେ ତୃତୀୟରେ ରହିଛି । କେଉଁଠି ନା କେଉଁଠି ଏହି ଚିତ୍ର ସୂଚାଇ ଦେଉଛି ଯେ ଭାରତ ଶକ୍ତି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରୁନାହିଁ । ବିକଶିତ ରାଜ୍ୟ ଗୁଡ଼ିକ ଜାତୀୟ ହାରାହାରି ପାୱାର କଟ ଠାରୁ କମ ସମୟ ବିଦ୍ୟୁତ କାଟ କରୁଥିବାବେଳେ ପଛୁଆ ରାଜ୍ୟ ଗୁଡ଼ିକ ଜାତୀୟ ହାରାହାରି ପାୱାର କଟ ଠାରୁ ଅଧିକ କରୁଛନ୍ତି ।

ଏହି ରିପୋର୍ଟ କିନ୍ତୁ ଓଡ଼ିଶା କ୍ଷେତ୍ରରେ ଆଉ ଏକ ରହସ୍ୟର ଉନ୍ମୋଚନ କରିଛି । ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ କିଭଳି ଅଘୋଷିତ ଭାବେ ବିଦ୍ୟୁତ କାଟ କରିଚାଲିଛନ୍ତି, ଏହାର ପର୍ଦାଫାଶ ହୋଇଛି । ଘନ ଘନ ବିଦ୍ୟୁତ କାଟ ହେଉଥିବା ବେଳେ କମ୍ପାନୀମାନେ ଏହାକୁ ଅସ୍ୱୀକାର କରି ଚାଲିଛନ୍ତି । ଲୋକେ ଫୋନ କଲେ କେତେବେଳେ ମରାମତି ଚାଲିଛି ବୋଲି କୁହାଯାଉଛି, ଆଉ କେବେ ଅଧିକାରୀମାନେ ଫୋନ ଧରନ୍ତି ନାହିଁ । ଶକ୍ତି ସମୀକ୍ଷକମାନଙ୍କର ଯୁକ୍ତି ହେଲା ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ ମହଜୁଦ ରହିଛି । ରାଜ୍ୟ ଶକ୍ତି କ୍ଷେତ୍ରରେ ଏକ ସୁବିଧାଜନକ ସ୍ଥିତିରେ ରହିଛି ଓ ବରଦାନ ବୋଲି କୁହାଯାଇପାରିବ । ହେଲେ ଏହାକୁ ଠିକ ଭାବରେ ବ୍ୟବହାର କରାଯାଇପାରୁନାହିଁ । ଓଡ଼ିଶା ଶକ୍ତି କ୍ଷେତ୍ରରେ ସର୍ବ ଭାରତ ସ୍ତରରେ ଏକ ନମ୍ବର ହେବାର ଯୋଗ୍ୟତା ଥିଲେ ବି ପରିଚାଳନାଗତ ଅପରାଗତା ଏତେ ପ୍ରବଳ ହୋଇଛି ଯେ ପିକ ସମୟରେ ପାୱାର କଟ କରାଯାଉଛି । ଗ୍ରାମାଞ୍ଚଳ କଥା ନକହିବା ଭଲ । ସର୍ବ ଭାରତ ସ୍ତରରେ ଓଡ଼ିଶା ପାୱାର କଟ କରିବାରେ ଜାତୀୟ ହାରାହାରି ପାୱାର କଟ ଠାରୁ ଅଧିକ ରହିବା ଗୋଟିଏ ଲଜ୍ଜାଜନକ ଘଟଣା ।

ତଥ୍ୟ କହୁଛି ଯେ ଓଡ଼ିଶାରେ ଗ୍ରୀଷ୍ମ ଋତୁରେ ସର୍ବୋଚ୍ଚ ବିଦ୍ୟୁତ ଚାହିଦା ୫୫୦୦ ମେଗାୱାଟ ରହୁଛି । ହେଲେ ରାଜ୍ୟରେ ବିଭିନ୍ନ ସୂତ୍ରରୁ ପ୍ରାୟ ୬୫୦୦ ମେଗାୱାଟ ବିଦ୍ୟୁତ ଉପଲବ୍ଧ ଅଛି । ଓଡ଼ିଶା ଜଳ ବିଦ୍ୟୁତ ନିଗମର କ୍ଷମତା ୨୧୦୦ ମେଗାୱାଟ । ଏହି ସଂସ୍ଥା ଅତି କମରେ ୧୫୦୦ ମେଗାୱାଟ (୧୮୦୦ ମେଗାୱାଟ ବି ଉତ୍ପାଦନ କରିପାରେ) ବିଦ୍ୟୁତ୍ ଉତ୍ପାଦନ କରିବାର ସାମର୍ଥ୍ୟ ରଖେ । ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ସ୍ଥାପତି କ୍ଷମତା ୧୭୪୦ ମେଗାୱାଟ । ଏଠାରୁ ଅତି କମରେ ୧୨୭୦ ମେଗାୱାଟ ବିଦ୍ୟୁତ ଉପଲବ୍ଧ ହେବା କଥା । ବେଦାନ୍ତ, ଜିଏମଆର, ଜିନ୍ଦଲ, ନବଭାରତ ଭଳି ବେସରକାରୀ ସ୍ୱାଧୀନ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ରାଜ୍ୟ ଦୈନିକ ୯୬୦ ମେଗାୱାଟ ବିଦ୍ୟୁତ ପାଇବାକୁ ହକଦାର । କେବଳ ସେତିକି ନୁହେଁ ଏହି ବିଦ୍ୟୁତ ଅତି ସୁଲଭ ଦରରେ ଉପଲବ୍ଧ, ଯାହାକୁ ଆମେ ବର୍ଷ ବର୍ଷ ଧରି ହାତଛଡ଼ା କରି ଆସିଛନ୍ତି । ଘରୋଇ କମ୍ପାନୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରିବାକୁ ଯାଇ ରାଜ୍ୟର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ କେବଳ ମହଙ୍ଗା ବିଦ୍ୟୁତ୍ ଦିଆଯାଇଛି ଏବଂ ଅନ୍ଧାରରେ ବି ରଖାଯାଇଛି । ସେହିଭଳି ଶିଳ୍ପ ମାନଙ୍କ ପାଇଁ ସ୍ଥାପିତ ନିଜସ୍ୱ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ରାଜ୍ୟ ୫୫୦ ମେଗାୱାଟ ପାଇପାରିବ । ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଜଳ ଓ ତାପଜ ବିଦ୍ୟୁତ କେନ୍ଦ୍ରରୁ ୧୭୦୦ ମେଗାୱାଟ ଏବଂ ଅକ୍ଷୟ ଶକ୍ତି ସୂତ୍ରରୁ ୪୫୦ ମୋଗୱାଟ ସମୁଦାୟ ୨୧୫୦ ମୋଗୱାଟ ବିଦ୍ୟୁତ ମିଳିବାର ସୁଯୋଗ ରହିଛି । ମୋଟାମୋଟି ଭାବେ ରାଜ୍ୟ ସୂତ୍ରରୁ ୪୩୫୦ ମେଗାୱାଟ ଏବଂ କେନ୍ଦ୍ର ସୂତ୍ରରୁ ୨୧୫୦ ମେଗାୱାଟ ଏହିଭଳି ଦୈନିକ ୬୫୦୦ ମେଗାୱାଟ ଉପଲବ୍ଧ ଥିବାବେଳେ ଏହାଠାରୁ ପାଖାପାଖି ହଜାରେ ମେଗାୱାଟରୁ କମ ବିଦ୍ୟୁତ ଚାହିଦା ପିକ ସମୟରେ ରହିଛି । ଏତେ ସୁବିଧା ଥାଇ ବି ରାଜ୍ୟରେ ବିଦ୍ୟୁତ କାଟ କରାଯିବା ପ୍ରଶାସନିକ ଅପରାଗତା, ଦୂରଦୃଷ୍ଟିହୀନତା ଏବଂ ଏକ ବିଡ଼ମ୍ବନା ବୋଲି ହିଁ କୁହାଯାଇପାରିବ । କେବଳ ସେତିକି ନୁହେଁ, ଗତ ଦଶନ୍ଧିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୨୦ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଛି, ଖାସ ଭିତ୍ତିଭୂମିର ବିକାଶ ଲାଗି । ଏହାସତ୍ତ୍ୱେ ମରାମତି, ରକ୍ଷଣାବେକ୍ଷଣ କାରଣରୁ ବିଦ୍ୟୁତ କାଟ ଏବଂ ବାଣିଜ୍ୟ ଓ ବିତରଣ ଜନିତ କ୍ଷତି (ହାରାହାରି ୨୮%) ସୂଚାଇ ଦେଉଛି ଯେ ସମୁଦାୟ କ୍ଷେତ୍ରଟି ଗୋଟିଏ ବଡ଼ କେଲେଙ୍କାରୀ ଭିତରେ ଛନ୍ଦି ହୋଇଯାଇଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨

# ସିଙ୍ଗଲ ୟୁଜ ପ୍ଲାଷ୍ଟିକ ହଟାଯାଉ

॥ ସତ୍ୟ ମହାପାତ୍ର ॥

କେନ୍ଦ୍ର ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପୁନର୍ବାର ଦେଶର ସମସ୍ତ ପୌର ସଂସ୍ଥାକୁ ସିଙ୍ଗଲ ୟୁଜ ବା ଏକକ ବ୍ୟବହାର ପ୍ଲାଷ୍ଟିକକୁ ହଟାଇବାକୁ କହିଛନ୍ତି । କାରଣ ଏହା ପ୍ରଦୂଷଣର ଏକ ପ୍ରଧାନ ଉତ୍ସ । ଗତ ବିଶ୍ୱ ପରିବେଶ ଦିବସ ପୂର୍ବରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଅତୀତରେ ଏପରି ନିର୍ଦ୍ଦେଶ ବହୁବାର ଦିଆଯାଇଥିଲା । ଗଲା ଫେବୃଆରୀରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସବୁପୌର ସଂସ୍ଥାକୁ ଆଗାମୀ ଜୁଲାଇ ପହିଲାରୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା । ଦେଶରେ ଥିବା ୪୭୦୦ରୁ ଉର୍ଦ୍ଧ୍ୱ ପୌର ସଂସ୍ଥାରୁ ୨୫୦୦ଟି ସଂସ୍ଥା ଏହି ନିଷେଧାଦେଶ ବିଜ୍ଞପ୍ତି ପ୍ରକାଶ କରିସାରିଲେଣି । ଯେଉଁମାନେ ଉକ୍ତ ନିଷ୍ପତ୍ତିକୁ ଲାଗୁ କରିନାହାନ୍ତି ସେମାନଙ୍କୁ ମନେ ପକାଇ ଦେବା ଲାଗି ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଏବେକାର ନିର୍ଦ୍ଦେଶନାମା ଜାରି କରିଛି । କିନ୍ତୁ ପୌର ସଂସ୍ଥାଗୁଡ଼ିକ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ନିଷେଧ ବିଜ୍ଞପ୍ତି ପ୍ରକାଶ କରିବା ଲାଗି ରାଜ୍ୟ ସରକାର ଗୁଡ଼ିକ ନିର୍ଦ୍ଦେଶ ଦେବା ଦରକାର । କାରଣ ରାଜ୍ୟ ସରକାର ଗୁଡ଼ିକ ହିଁ ସେମାନଙ୍କର ଅସଲ କର୍ତ୍ତୃପକ୍ଷ ।

ମନ୍ତ୍ରଣାଳୟ ମଧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ କହିଛନ୍ତି । ତନ୍ମଧ୍ୟରେ ସଫେଇ ଓ ଚାଲିଲା ବେଳେ ଅଳିଆ ଉଠାଇବା, ଦୈନନ୍ଦିନ ବ୍ୟବହାରରୁ ପ୍ଲାଷ୍ଟିକ ଦୂର କରିବାର ଆବଶ୍ୟକତା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଅନ୍ତର୍ଭୁକ୍ତ । ମନ୍ତ୍ରଣାଳୟ ମଧ ପରାମର୍ଶ ଦେଇଛନ୍ତି ଯେ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବିକଳ୍ପ ଭାବେ କପଡ଼ା, ଝୋଟ ଓ ଅନ୍ୟାନ୍ୟ ପଚି ପାରୁଥିବା ସାମଗ୍ରୀକୁ ଚିହ୍ନଟ କରି ସେ ସବୁର ବ୍ୟବହାରକୁ ବଢ଼ାଯିବା ଦରକାର । ଗତ କିଛି ବର୍ଷ ମଧ୍ୟରେ ପରିବେଶ ଉପରେ ପ୍ଲାଷ୍ଟିକର କ୍ଷତିକାରକ ପ୍ରଭାବକୁ ସାଧାରଣ ଲୋକେ କଛିଟା ବୁଝିଲେଣି । ଗଣମାଧ୍ୟମ ଓ ଅନ୍ୟାନ୍ୟ ପନ୍ଥାରେ ସଚେତନତା ସୃଷ୍ଟି ଯୋଗୁଁ ଏହା ସମ୍ଭବ ହୋଇଛି । ସେ ସବୁର ବ୍ୟବହାରକୁ ଏଡ଼ାଇବା କ୍ଷେତ୍ରରେ କିଛିଟା ଅଗ୍ରଗତି ହେଲାଣି । କିନ୍ତୁ ସମସ୍ୟା ହେଲା ମୂଲ୍ୟ, ସୁବିଧା ଓ ବିକଳ୍ପ ଦ୍ରବ୍ୟ ମିଳିବା । ସେଥିଯୋଗୁଁ ଦୈନନ୍ଦିନ ବ୍ୟବହାରରୁ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ଭାବେ ହଟାଇବାର ଯୋଜନା ବାଧାପ୍ରାପ୍ତ ହେଉଛି । ଭାରତ ପରି ବଡ଼ ଦେଶରେ ଯେକୌଣସି ଯୋଜନାର କାର୍ଯ୍ୟକାରିତା ସମୟ ନିଏ, କିନ୍ତୁ ବଡ଼ କଥା ହେଲା ପ୍ଲାଷ୍ଟିକ ପ୍ରତି ସତର୍କତା । ଦୋକାନୀମାନେ ଅନେକ କ୍ଷେତ୍ରରେ ଖୋଲାରେ ଗ୍ରାହକଙ୍କୁ ପ୍ଲାଷ୍ଟକି ବ୍ୟାଗରେ ଜନିଷି ଦେବାକୁ ପଛାଉଛନ୍ତି । ଆଗରୁ ଲୋକେ ଗାଁ ହାଟ ବା ସହରର ଦୋକାନକୁ ନିଜ ଘରୁ ବ୍ୟାଗ ଧରି ଜିନିଷ କିଣିବାକୁ ଯାଉଥିଲେ । ସେହି ବ୍ୟାଗ ସେମାନଙ୍କ ଘରେ ଅନ୍ୟାନ୍ୟ ସ୍ଥାୟୀ ସାମଗ୍ରୀ ପରି ରହୁଥିଲା । ଏବେ ଗ୍ରାହକମାନେ ଆଉ ବଜାରକୁ ବ୍ୟାଗ ଧରି ଯାଉନାହାନ୍ତି । ପୁରୁଣା ଅଭ୍ୟାସ ଆସି ଲୋକେ କପଡ଼ା ବ୍ୟାଗ ବା ପ୍ଲାଷ୍ଟିକର ବିକଳ୍ପ ଅନ୍ୟ କିଛି ନେଇ ଦୋକାନକୁ ଯିବା ଉଚିତ । କେବଳ ପ୍ଲାଷ୍ଟିକ ବ୍ୟାଗ ନୁହେଁ ଆଉ କେତେକ ସାମଗ୍ରୀକୁ ବର୍ଜନ କରିବାକୁ ପଡ଼ିବ । ପ୍ଲାଷ୍ଟିକ ପତାକା, ଆଇସକ୍ରିମ ଓ କ୍ୟାଣ୍ଡିଷ୍ଟିକ, ସାଜସଜା ପାଇଁ ବ୍ୟବହୃତ ଥର୍ମକୁଲ, ପ୍ଲାଷ୍ଟିକରେ ପ୍ରସ୍ତୁତ ପ୍ଲେଟ, କପ, ମିଠା ବାକ୍ସ ଲାଗି ର୍‍ୟାପର, ସିଗାରେଟ ପ୍ୟାକେଟ ଓ ଅନ୍ୟାନ୍ୟ ପିଭିସି ସାମଗ୍ରୀକୁ ବର୍ଜନ କରିବା ଦରକାର । ତଦ୍ୱାରା ନିଷେଧାଦେଶର ପ୍ରଭାବ ବ୍ୟାପକ ଭାବେ ଅନୁଭୂତ ହେବ । ପ୍ଲାଷ୍ଟିକ ସମସ୍ୟା ସମାଧାନର ପ୍ରକୃଷ୍ଟ ଉପାୟ ହୋଇଥାନ୍ତା । ଯଦି ପଚି ପାରୁଥିବା ପ୍ଲାଷ୍ଟିକ ଉତ୍ପାଦନ କରିହୁଅନ୍ତା । ଅର୍ଥାତ୍ ଏପରି ପ୍ଲାଷ୍ଟିକ ଉତ୍ପାଦିତ ହେବା ଦରକାର ଯାହା ତୁରନ୍ତ ପଚି ଓ ତାହା ପ୍ରଦୂଷଣକାରୀ ହେବନାହିଁ । ସବୁ ସମସ୍ୟାର ବୈଷୟିକ ସମାଧାନ ହିଁ ଶ୍ରେଷ୍ଠ ଉପାୟ । ବୈଜ୍ଞାନିକମାନେ ଏ ଦିଗରେ କାମ କରିବା ଉଚିତ । ପଚି ପାରୁଥିବା ପ୍ଲାଷ୍ଟିକ ଯେଭଳି ଶସ୍ତାରେ ଉତ୍ପାଦିତ ହୋଇପାରିବ ତାହା ମଧ ସେମାନଙ୍କର ଲକ୍ଷ୍ୟ ହେବା ଦରକାର । ନଚେତ ତାର ବଜାର ଗ୍ରହଣୀୟତା ରହିବନାହିଁ । ସିଙ୍ଗଲ ପ୍ଲାଷ୍ଟିକ ଆମ ପ୍ରଦୂଷଣ ସହ ସାମାଜିକ ଜୀବନକୁ କ୍ଷତି କରଛି । ତେଣୁ ଏ ନେଇ ଆମମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡା,(ମହାଭାରତ): ଆଜି ମଧ୍ୟାହ୍ନ ୧୨ଘଟିକା ସମୟରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି । ବିଶେଷକରି ଧାନ ସଂଗ୍ରହ ପରିଚାଳନା, ମଣ୍ଡି ବ୍ୟବସ୍ଥା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ, ଡିଜିଟାଲ କ୍ରପ କଟିଙ୍ଗ, କୃଷିଆଦି ସମ୍ପର୍କରେ ସମୀକ୍ଷା କରିବା ସହ ଚଳିତବର୍ଷ ଧାନ ସଂଗ୍ରହ କିପରି ସ୍ୱଚ୍ଛତା ଓ ପାରଦର୍ଶିତା ସହ ସମ୍ପାଦିତ ହୋଇପାରିବ ଏବଂ କୃଷକମାନଙ୍କ ବ୍ୟାଙ୍କ ଆକାଉ□କୁ ସିଧାସଳଖ ଅର୍ଥ ପ୍ରେରଣ, ଧାନ ସଂଗ୍ରହ ପୂର୍ବରୁ ମଣ୍ଡି ଅବସ୍ଥା ସମ୍ପର୍କରେ ତଦନ୍ତ କରିବା, ମଣ୍ଡିରେ କୃଷକମାନଙ୍କ ପାଇଁ ପାନୀୟ ଜଳ ଓ ବସିବାର ବ୍ୟବସ୍ଥା କରିବା, ଧାନ ବିକ୍ରି ସମୟରେ ମଧ୍ୟସ୍ଥିଙ୍କ କର୍ତ୍ତୃତ୍ୱକୁ ଶୂନ୍ୟ କରିବା ଏବଂ ଏଫଏକ୍ୟୁ ମାନର ଧାନ ସଂଗ୍ରହ କରିବା, କଟନୀ



ଛଟନୀ ବନ୍ଦ କରିବା ଉପରେ ଗୁରୁତ୍ୱ ଦେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ଆଜି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡ଼ା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ, ଡେପୁଟି ଡାଇରେକ୍ଟର ପ୍ଲାନିଂ ଆରତୀ ନାୟକ, ସିଡିଭିଓ ଦୀପ୍ତି ମହାପାତ୍ର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ପ୍ରଫୁଲ କୁମାର ଦାସ, ବିଭିନ୍ନ ବ୍ଲକର ଏମଆଇ ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ବର୍ତ୍ତମାନ ଜିଲ୍ଲାରେ ୪ଗୋଟି ଚାଉଳ ସଂଗ୍ରହ କେନ୍ଦ୍ରରେ ମୋଟ ୧୫,୫୦୦ ମେଟ୍ରିକ ଟନ ଚାଉଳ ଗଚ୍ଛିତ ରଖିପାରିବା ବ୍ୟବସ୍ଥା ରହିଛି । ଚାଉଳ ସଂଗ୍ରହ କେନ୍ଦ୍ରରୁ ଫେୟାର ପ୍ରାଇସ ସପ୍ ପର୍ଯ୍ୟନ୍ତ ଚାଉଳ ପରିବହନ ନିମନ୍ତେ ଜିଲ୍ଲାରେ ୧୧ଗୋଟି ଲେବୁଲ ୨ ଟ୍ରାଂସପୋର୍ଟ୍ କଣ୍ଟ୍ରାକ୍ଟର ଥିବା ସ୍ଥଳେ ଏଫ୍‌ସିଆଇ ଡିପୋରୁ ଚାଉଳ ସଂଗ୍ରହ କେନ୍ଦ୍ରକୁ ଗହମ ପରିବହନ ନିମନ୍ତେ ଜଣେ ଖ-୧କଣ୍ଟ୍ରାକ୍ଟର କାର୍ଯ୍ୟରତ ଅଛନ୍ତି। ଜିଲ୍ଲାରେ ଫେୟାର୍ ପ୍ରାଇସ୍ ସପ୍ ୫୬୦ଗୋଟି ମାଧ୍ୟମରେ ବନ ବ୍ୟବସ୍ଥା କରାଯାଉଛି। ଜିଲ୍ଲାରେ ଥିବା ୩ଜଣ କିରୋସିନ ହୋଲସେଲର ସିଧାସଳଖ ଭାବେ କମ୍ପାନୀଠାରୁ କିରୋସିନ ଆଣି ଫେୟାର୍ ପ୍ରାଇସ୍ ସପ୍‌କୁ ବଣ୍ଟନ କରନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ସ୍କିମ ଅଧୀନରେ ୩,୨୨,୮୧୫ କାର୍ଡ ମାଧ୍ୟମରେ ୧୨,୦୬,୯୮୭ ସଦସ୍ୟ ଉପକୃତ ହେଉଛନ୍ତି । ନୂତନ ରାସନ କାର୍ଡ ପ୍ରଦାନ ପାଇଁ ଇ-କେୱାଇସି ଭେରିଫିକେଶନ କାର୍ଯ୍ୟ ୮୧.୭୨% ସରିଯାଇଛି । ଫଳରେ ୧୨,୦୬,୯୮୭ ଜଣଙ୍କ ମଧ୍ୟରୁ ଆଧାର ସର୍ଭର ମାଧ୍ୟମରେ ୯,୮୬,୪୮୩ଜଣଙ୍କ ଇ-କେୱାସି ଭେରିଫିକେଶନ ସରିଯାଇଛି । ୨୦୨୪-୨୫ ଖରିଫ ଧାନ ସଂଗ୍ରହ ପାଇଁ ୧୧୮ ଗୋଟି ପ୍ୟାକ୍ସ ଅଂଶ ଗ୍ରହଣ କରିବେ । ଏବର୍ଷ ପ୍ରଥମ ପର୍ଯ୍ୟାୟରେ ୫୮,୦୦୯ ମେଟ୍ରିକ ଟନ ଧାନ ସଂଗ୍ରହ କରିବାର ଲକ୍ଷ ଧାର୍ଯ୍ୟ କରାଯାଇଛି । ମଣ୍ଡିରେ ଧାନ ସଂଗ୍ରହକୁ ସହଜ ଓ ସୁବିଧା କରିବା ପାଇଁ ୧୧୮ଜଣ ମଣ୍ଡି ନୋଡଲ ଅଫିସର, ୩୮ଜଣ ମଣ୍ଡି ସୁପରଭାଇଜିଙ୍ଗ ଅଫିସର ନିଯୁକ୍ତି ଦିଆଯାଇଛି । ଆସନ୍ତା ତା.୨୦.୧୧.୨୦୨୪ରିଖଠାରୁ ଏମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ କୃଷକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସହ ସ୍ଥାନୀୟ ବିଧାୟକମାନଙ୍କର ପରାମର୍ଶ ନେବାକୁ ମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ । ଶେଷରେ ଜିଲ୍ଲାପାଳ ମନ୍ତ୍ରୀ ଓ ସମସ୍ତ ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ ।

## ଚୋରାଚାଲାଣର ଠାରୁ ବିଭିନ୍ନ ଅପରାଧୀକ କାର୍ଯ୍ୟ କଳାପ ର ପେଣ୍ଠସ୍ଥଳ ପାଲଟିଛି ସିଧାମୂଳା

ନୟାଗଡ଼, ( ମହାଭାରତ ) : ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ସିଧାମୂଳା ସେତୁ ରାସ୍ତାରେ ଅବାଧ ଚୋରାଚାଲାଣ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୋକୁଳାନନ୍ଦ ପୀଠର ଅବସ୍ଥିତି ସହ ଏଠାରେ ୨୦୦୩ରେ ମହାନଦୀ ସେତୁ ନିର୍ମାଣ ପରଠାରୁ କଟକ ଜିଲ୍ଲାକୁ ସଂଯୋଗ କରୁଥିବାରୁ ଗମନାଗମନ ସୁଗମ ହୋଇଛି। ଜିଲ୍ଲା ଉପକଣ୍ଠରେ ଥିବା ଏହି ପର୍ଯ୍ୟଟନ ଗ୍ରାମ ଉପାନ୍ତ ଅ□ଳ ହୋଇଥିବାରୁ ଏଠାରେ ଏକ ଫାଣ୍ଡି ପ୍ରତିଷ୍ଠା ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଥିଲେ ମଧ ତାହା ସରକାରଙ୍କ ବିଚାରାଧୀନ ରହିଛି। ଅ□ଳରେ ଚୋରି, ଡକାୟତି ଘଟଣା ଓ ସେତୁ ରାସ୍ତା ଦେଇ ବିଭିନ୍ନ ମାଦକ ଦ୍ରବ୍ୟ ଚୋରା ଚାଲାଣ କଣ୍ଟିଲୋ, ୧୩/୧୧ (ଇମିସ): ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ସିଧାମୂଳା ସେତୁ ରାସ୍ତାରେ ଅବାଧ ଚୋରାଚାଲାଣ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୋକୁଳାନନ୍ଦ ପୀଠର ଅବସ୍ଥିତି ସହ ଏଠାରେ ୨୦୦୩ରେ ମହାନଦୀ ସେତୁ ନିର୍ମାଣ ପରଠାରୁ କଟକ ଜିଲ୍ଲାକୁ ସଂଯୋଗ କରୁଥିବାରୁ ଗମନାଗମନ ସୁଗମ ହୋଇଛି । ଜିଲ୍ଲା ଉପକଣ୍ଠରେ ଥିବା ଏହି ପର୍ଯ୍ୟଟନ ଗ୍ରାମ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ଏକ ଫାଣ୍ଡି ପ୍ରତିଷ୍ଠା ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଥିଲେ ମଧ ତାହା ସରକାରଙ୍କ ବିଚାରାଧୀନ ରହିଛି। ଅଞ୍ଚଳରେ ଚୋରି, ଡକାୟତି ଘଟଣା ଓ ସେତୁ ରାସ୍ତା ଦେଇ ବିଭିନ୍ନ ମାଦକ ଦ୍ରବ୍ୟ ଚୋରାଚାଲାଣ ସମେତ ଲଘୁ ଖଣିଜ ପଦାର୍ଥ ଚାଲାଣ ଆଦି ଅପରାଧମୂଳକ କାର୍ଯ୍ୟ ବୃଦ୍ଧି ପାଉଥିବା ଏବଂ ପୁଲିସ ହାତରେ ଧରାପଡ଼ିଥିବାର ନଜିର ମଧ ରହିଛି।ସିଧାମୂଳା ଠାରୁ ନିକଟସ୍ଥ କଣ୍ଟିଲୋ ଫାଣ୍ଡିର ଦୂରତା ୮ କିମି ହୋଇଥିବା ବେଳେ ଗଣିଆ ଥାନା ୧୦ କିମି ଓ ସେତୁ ଅପରପାର୍ଶ୍ୱ ନରସିଂହପୁର ଓ କାନପୁର ଥାନା ମଧ ପ୍ରାୟ ୧୦ କିମି ବ୍ୟବଧାନରେ ରହିଥିବାରୁ ଅଘଟଣ ସମୟରେ ପୁଲିସ ସେବା ତତ୍କାଳ ମିଳିପାରୁନାହିଁ। ଅଘଟଣ ଘଟାଇବା ପରେ ଅପରାଧୀ ଅନାୟାସରେ ସେତୁ କିମ୍ବା ବିଭିନ୍ନ ରାସ୍ତା ଦେଇ ଖସି ପଳାଇଯିବାରେ ସକ୍ଷମ ହେଉଛନ୍ତି। ଏଣୁ ଅଞ୍ଚଳର ସୁରକ୍ଷା ଦୃଷ୍ଟିରୁ ସିଧାମୂଳା ବାସୀ ଏଠାରେ ଏକ ଫାଣ୍ଡି ସ୍ଥାପନ ପାଇଁ ଦାବି କରୁଥିବା ବେଳେ ଏହା ସରକାରୀ ନାଲିଫିତା ତଳେ ରହିଛି। ଏହାଦ୍ୱାରା ଅଞ୍ଚଳରେ ବୃଦ୍ଧି ପାଉଥିବା ଅବାଧ ଚୋରା ଚାଲାଣ ରୋକାଯାଇପାରିବ ବୋଲି ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଜିଲ୍ଲାପାଳ ଜନଶୁଣାଣୀ ରେ ଜିଲ୍ଲାପାଳଙ୍କ ଅନୁପସ୍ଥିତକୁ ନେଇ ଅସନ୍ତୋଷ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଜିଲ୍ଲାପାଳ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ଶିବିର ରେ ଜିଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନୁପସ୍ଥିତ ଥିବାରୁ ପାଟଣା ବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ପାଟଣା ବିଡ଼ିଓ ମାନସ ରଞ୍ଜନ ଦଣ୍ଡପାଟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣୀ ଶିବିର ରେ ସହକାରୀ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ଯୋଗଦାନ କରିବା ସହ ଅନ୍ୟ ଅଧିକାରୀ ଜିଲ୍ଲା ଅତିରିକ୍ତ ଆରକ୍ଷକ ଅଧିକାରୀ ହରପ୍ରିୟା ନାଏକ,ଜିଲ୍ଲା ବନାଞ୍ଚଳ ଅଧିକାରୀ ଏଚ.ଡ଼ି ଧନରାଜ,ଜିଲ୍ଲା ସ୍ୱାସ୍ଥ୍ୟ ଅଧକାରୀ କିଶୋର କୁମାର ପୃଷ୍ଟି,ଅବକାରୀ ବଦଳ,ଡିଏସଏସଓ ବିପ୍ଳ କିଶୋରୀ ସାମନ୍ତ ରାୟ,ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଅଜୟ କୁମାର ରଥ ଙ୍କ ଉପସ୍ଥିତି ରେ ପାଟଣା ବ୍ଲକ ୨୦ଟି ପଞ୍ଚାୟତ ର ଅଧିବାସୀ ଙ୍କ ନିଜ ନିଜର ସମସ୍ୟା ନେଇ ଲିଖିତ ଅଭିଯୋଗ ଥାନା ରେ ନୂତନ ଅଧିକାରୀ ପଦ ଖାଲି ଥିବା ବେଳେ ପୂରଣ , ରାଜ୍ୟସ୍ୱ ଡାକବଙ୍ଗଳା କୁ ପୁନର ଉଦ୍ଧାର,ନୂଆପଡା ଗ୍ରାମ ରେ ନୂତନ ବ୍ୟାରେଜ ନିର୍ମାଣ,ନୂତନ ରାସନ କାର୍ଡ ଓ କାର୍ଡରେ ନାଁ ଅନ୍ତର୍ଭୁକ୍ତ, ଟାଙ୍ଗରପଡା ଗ୍ରାମ କୁ ନେନାଲ ପାଣି ଆସୁ ନ ଥିବା ରୁ ଜଳକର ଛାଡ଼,ଆସ ଯୋଜନାରେ ନୂତନ ଆବାସ ନିମନ୍ତେ ପାଟଣା ବ୍ଲକ ର ବିଭିନ୍ନ ପଞ୍ଚାୟତ ରୁ ଦରଖାସ୍ତ ଆବେଦନ ହୋଇ ଛି । ଶୁଣିବା ସହ ବ୍ଲକ ଅଧିକାରୀ ଙ୍କୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ କରି ଛନ୍ତି। ଏହି ଜନଶୁଣାଣୀ ରେ ପାଟଣା ତହସିଲଦାର ଲୀଳାବତୀ ନାଏକ,ସାମାଜିକ ଜନମଙ୍ଗଳ ଅଧିକାରୀ ସୁବେନ୍ଦୁ ବଳ, ବନା□ଳ ଅଧିକାରୀ ନବିହାରୀ ସର୍ଦାର,ଜିପିଇଓ ରଶ୍ମିରେଖା ମହାନ୍ତି,ବିଏସଏସଓ ଅଭିୟ ଦେହୁରୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝୀ,ଯୋଗାଣ ନିରୀକ୍ଷକ ସୁନିତା ମାରାଣ୍ଡି,ଏପିଓ ଦୀପକ କୁମାର ବେହେରା ଯୋଗଦାନ କରିଛନ୍ତି।

## ଗାଁ ରେ ବାଘ ପାଦ ଚିହ୍ନ, ଆତଙ୍କିତ ଗ୍ରାମବାସୀ

କପ୍ତିପଦା -(ମହାଭାରତ ): କପ୍ତିପଦା -ଗାଁ ରେ ବାଘ ଆତଙ୍କ। ପଡିଛି ଗାଁ ରେ ବାଘ ପାଦ ଚିହ୍ନ। ଆତଙ୍କିତ ଅବସ୍ଥାରେ ଗ୍ରାମବାସୀ। କପ୍ତିପଦା ବନା□ଳ ଅଧୀନ ଅସନବଣି ଗ୍ରାମରେ ଏବେ ବାଘ ଆତଙ୍କ। ଗ୍ରାମରେ ପ୍ରବାହିତ କେନାଲ ପାଖରେ ପଡିଛି ବାଘ ପାଦ ଚିହ୍ନ। ୮ ରୁ ଅଧିକ ସ୍ଥାନରେ ବାଘ ପାଦ ଚିହ୍ନ ପଡିଛି। ବାଘ ନିକଟସ୍ଥ ଶିମିଳିପାଳ ଜଙ୍ଗଲରୁ ଆସି କେନାଲ ପାର ହେବା ସମୟରେ ମାଛ ଧରିବା ପାଇଁ ବସିଥିବା ଏକ ଅନ୍ଧାଲୀ ଭାଙ୍ଗିବା ସହିତ ନିକଟରେ ପଡିଛି ଅନେକ ଗୁଡିଏ ପାଦ ଚିହ୍ନ। ଯାହାକି ବାଘ ପାଦ ଚିହ୍ନ ବୋଲି କୁହାଯାଉଛି। ଏହା ସହିତ ଜଙ୍ଗଲରେ ବାଘ ଥିବା ନେଇ ବନ ବିଭାଗ ଗତକାଲି ଗ୍ରାମବାସୀଙ୍କୁ ସଜାଗ କରିଥିବା କହିଛନ୍ତି ଗ୍ରାମବାସୀ। ଅନ୍ୟପଟେ ପାଦ ଚିହ୍ନ କୁ ନଜର କରିଲେ ବାଘଟି ଜନବସତି ମଧ୍ୟରେ ପ୍ରବେଶ କରିଥିବା କୁହାଯାଉଛି। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ଅସନବଣି ଗ୍ରାମବାସୀ।

## ବରାଡ଼ଙ୍ଗା ଲକ୍ଷ୍ମୀ ବସ ଷ୍ଟପ ସାଜିଛି ମଦୁଆଙ୍କ ଆଡା ସ୍ଥଳ

କୋକସରା,(ମହାଭାରତ): ପୂର୍ବ ସରକାର ଗ୍ରାମାଞ୍ଚଳ ରୁ ସହରାଞ୍ଚଳ କୁ ଜନସାଧାରଣଙ୍କ ଗମନାଗମନ ପାଇଁ ଲକ୍ଷ୍ମୀ ବସ୍ ଯୋଜନା କରି ବିଭିନ୍ନ ସ୍ଥାନରେ ଯାତ୍ରୀ ମାନଙ୍କ ବସ୍ ପ୍ରତିକ୍ଷା କରିବା ପାଇଁ ଲକ୍ଷ୍ମୀ ବସ୍ ଷ୍ଟପ ସବୁ ନିର୍ମାଣ କରିଛନ୍ତ। ହେଲେ କୋକସରା ବ୍ଲକ ବରାଡ଼ଙ୍ଗା ଲକ୍ଷ୍ମୀ ବସ ଷ୍ଟପ ଏବେ ମଦୁଆ ମାନଙ୍କ ମୂଖ୍ୟ ଆଡ଼ାସ୍ଥଳୀ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୁଣି ଗ୍ରାମରେ ବହୁ ମାତ୍ରାରେ ଖୋଲା ଚୋରା ମଦ ବିକ୍ରି କରାଯାଉଥିବା ଜଣା ପଡ଼ିଛି। ଯେଉଁ ମଦକି ସମ୍ପୂର୍ଣ୍ଣ ଭାବରେ ବିଷାକ୍ତ ଦ୍ରବରେ ତିଆରି କରାଯାଉଛି। ରାତି ହେଲେ ଏଠାରେ ଖୁଲମ ଖୋଲା ମଦ ପିଇ ମାତାଲ୍ ହେଇ ପଡିଛନ୍ତି। ବସ ଷ୍ଟପ ଟି ଅଳିଆ ଆବର୍ଜନା ରେ ଭର୍ତ୍ତି ହେବା ସହ ବିଦେଶୀ ମଦ ବୋତଲ ଏବଂ ମଦ ପୌଚ ଏବଂ ଗୁଟଖା ଛେପରେ ଭରପୁର ହୋଇଥିବା ଦେଖା ଦେଇଛି। ଏହି ପରି କୋକସରା ବ୍ଲକର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀ ବସ ଷ୍ଟପ ସବୁ ମଦୁଆ ମାନଙ୍କ ଆଡା ସ୍ଥଳ ହୋଇଛ।ଯାହା ଫଳରେ ଗ୍ରାମର ଲକ୍ଷ୍ମୀ ବସ୍ ଷ୍ଟପ କୁ ଲୋକେ ଯିବା ପାଇଁ ନାକ ଟେକୁଛନ୍ତି ଏବଂ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି।

## ସମ୍ମିଳୀତ କର୍ମଜୀବୀ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ ଦିବସ ଓ ଲୋଗୋ ଉନ୍ମୋଚନ ଉତ୍ସବ ପାଳିତ

ଭବାନୀପାଟଣା,(ମହାଭାରତ)-କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଏସଏନ କଲ୍ୟାଣ ମଣ୍ଡପ ସଭାଗୃହ ଠାରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ, କଳାହାଣ୍ଡି ଜିଲ୍ଲା ଶାଖା ତରଫରୁ ଜାତୀୟ ପ୍ରେସ ଦିବସ ମହାସମାରୋହରେ ପାଳିତ ହୋଇଯାଇଛ। ଏହି ପ୍ରେସ ଦିବସ ସମାରୋହରେ ଭବାନୀପାଟଣା ସଦର ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ କୋକସରା ବ୍ଲକ ଉପାଧକ୍ଷ ରାଜିବ କୁମାର ଆଗ୍ରୱାଲ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଯୋଗଦେଇ ସାମ୍ବାଦିକଙ୍କ ସୁରକ୍ଷା ଓ ଟ୍ରେଡ଼ ୟୁନିୟନ ପଞ୍ଜିକରଣ ସମ୍ପର୍କ ରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା ସଭାପତି ଦୀପକ କୁମାର ସାହୁ, ସମ୍ପାଦକ ମନୋଜ କୁମାର ନାଏକ,ଉପସଭାପତି ଲକ୍ଷ୍ମଣ ସ୍ୱାଇଁ, ଉପଦେଷ୍ଟା କୁଞ୍ଜ ସାହୁ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ରାଜ୍ୟ ଉପାଧକ୍ଷ ରଜନୀ କାନ୍ତ ସାମନ୍ତରାୟ, ରାଜ୍ୟ ସଭାପତି ସଞ୍ଜୟ ଦାସ, ପ୍ରସନ୍ତ କୁମାର ମହାନ୍ତି, ପ୍ରଦ୍ୟୁମ୍ନ କୁମାର ଦାସ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ କଳାହାଣ୍ଡି ଜିଲ୍ଲା ଶାଖା ସମ୍ପାଦକ ମନୋଜ କୁମାର ନାଏକ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରେସ ଦିବସର ମହତ୍ୱ ଓ ସାମ୍ବାଦିକ ମାନଙ୍କ ଭୂମିକା, ସମ୍ବାଦ ସଂଗ୍ରହ ସମୟରେ ହେଉଥିବା ବିଭିନ୍ନ ପରିସ୍ଥିତି, ଦୁର୍ଗମ ଅଞ୍ଚଳରୁ ସମ୍ବାଦ ସଂଗ୍ରହ କେତେ କଷ୍ଟ କର ହୋଇଥାଏ ତାଉପରେ ମଞ୍ଚାସିନ ଅତିଥି ମାନେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ, ଏବଂ ଆଗାମୀ ଦିନରେ ସୁବିଧା ଯୋଜନା, ରେସକ୍ୟୁ ଗାଡି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଉଥିବା ନେଇ ପ୍ରକାଶ କରିଥିଲେ।ଏହି ଅବସରରେ ସଙ୍ଘ ପକ୍ଷରୁ ଏକ ଲୋଗୋ ବ୍ୟାଚ ଉନ୍ମୋଚନ କରାଯାଇଥିଲା ଯାହା ପ୍ରତ୍ୟେକ କର୍ତ୍ତବ୍ୟରତ ସାମ୍ବାଦିକ ମାନେ ବ୍ୟାଚ ରୂପେ ବ୍ୟବହାର କରି ସାମ୍ବାଦିକ ଭଳି ମାର୍ଯ୍ୟାଦା ଜନକ ପଦକୁ ଗୌରବାନ୍ୱିତ କରିବେ ବୋଲି ରାଜ୍ୟ ସଭାପତି ପ୍ରକାଶ କରିଥିଲେ। ବିଭିନ୍ନ ସଂଘର୍ଷମୟ ପରିସ୍ଥିତିରେ ମଧ ଦୂର ଦୁରାନ୍ତର ଖବର ପ୍ରସାରଣ କରି ଲୋକଲୋଚନକୁ ଆଣୁଥିବାରୁ ସାମ୍ବାଦିକ ମାନଙ୍କୁ ଧନ୍ୟବାଦ ସହ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ରାଜକୁମାର ସିଂ ଦେଓ ଙ୍କୁ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ ରେ ସମ୍ମାନିତ କରାଯାଇଥିବା ବେଳେ ଅନ୍ୟ ୧୫ ଜଣ ବ୍ଲକ ସ୍ତରୀୟ ସାମ୍ୱାଦିଙ୍କୁ ଜାତୀୟ ପ୍ରେସ ଦିବସ ସମ୍ମାନୀତ କରାଯାଇଥିଲା। ନିଶୁଳ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ୪ଜଣ ବିଶିଷ୍ଟ ସମାଜସେବୀଙ୍କ ଅତୁଳନୀୟ ଅବଦାନ ପାଇଁ ସମାଜସେବୀ ସମ୍ମାନରେ ସମ୍ମାନୀତ କରାଯାଇଛି। ପରିଶେଷରେ ବରିଷ୍ଠ ସାମ୍ବାଦିକ କୁଞ୍ଜ ସାହୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ସାଙ୍ଗ ଘୋଷଣା କରିଥିଲେ।

## କଲମପୁର ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର

ଭବାନୀପାଟଣା:(ମହାଭାରତ): କଳାହାଣ୍ଡି ଜିଲ୍ଲା ଅଧୀନସ୍ତ କଲମପୁର ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୯୬ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୭୮ ଗୋଟି ଓ ସାମୂହିତ ୧୮ ଗୋଟି ରହିଥିବା ବେଳେ ୫ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ



ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଯୁଗଳ ମାଝୀ ଗ୍ରାମ ଭାଟିଗାଁ ଙ୍କୁ ଟ୍ରାଇସାଇକେଲ, ଶକ୍ତି ବାରିକ ଗ୍ରାମ ଭାଟିଗାଁ ଙ୍କୁ ବ୍ଲାଇଣ୍ଡ ଷ୍ଟିକ ଏବଂ ସୁର୍ଯ୍ୟ ନାଏକ ଗ୍ରାମ ଭେଲାଗାଁ, ଘାସିରମ ନାଏକ ଗ୍ରାମ ଭେଲାଗାଁ, ହିତେଶ ଦୂର୍ଗା ଗ୍ରାମ ମିନଗୁର, ମିନାକ୍ଷୀ ନାଏକ ଗ୍ରାମ ଭଇଁରି ଙ୍କୁ ଭତ୍ତା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏଥିରେ ଜିଲ୍ଲାପାଳଙ୍କ ସହିତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢି, ଉପଜିଲ୍ଲାପାଳ ଧର୍ମଗଡ ଧୀମାନ ଚକମ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ସୁଚେତା ପାଣି, ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି ଜିଲ୍ଲାପାଳ ଚନ୍ଦ୍ରଦାଶ ମହାନନ୍ଦିଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ତହସିଲଦାର କଲମପୁର, ବି.ଡି.ଓ. କଲମପୁର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାପାଳ ଙ୍କ ମିଳିତ ଜନଶୁଣାଣୀ ଅନୁଷ୍ଠିତ ନୂତନ ସରକାର ରେ ଆଶାବାନ୍ଧିଲେ ଅଭିଯୋଗକାରି

ଅସ୍ତରଙ୍ଗ, (ମହାଭାରତ): ମହାଭାରତ -ଆଜି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବୈଠକ ଗୃହ ରେ ପୁରୀ ଜିଲ୍ଲାପାଳ ଙ୍କ ଦ୍ୱାରା ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି । ସାଧାରଣ ଲୋକ ମାନଙ୍କ ବିଭିନ୍ନ ସମସ୍ୟା ର ସମାଧାନ ନିମନ୍ତେ ରାଜ୍ୟ ସରକାର ଙ୍କର ଏହିଭଳି ବିହିତ ପଦକ୍ଷେପ କୁ ସାଧାରଣ ରେ ସ୍ୱାଗତ କରାଯାଇଥିଲେ ବି ଅନେକ ଲୋକ ଙ୍କ ମନରେ ଆଜିବି ବ୍ଲକ ସ୍ତରରେ ଏହିଭଳି ଜନଶୁଣାଣୀ କାର୍ଯ୍ୟକ୍ରମ ଉପରୁ ଆସ୍ଥା ହଟିବାକୁ ବସିଛି, କାରଣ ପୂର୍ବରୁ ଅନେକ ଜନଶୁଣାଣୀ ଅନୁଷ୍ଠିତ ହୋଇଥିଲେ ବି ସାଧାରଣ ଲୋକ ଙ୍କ ଅଭିଯୋଗ କାଗଜକଲମ ରେ ରହିଯାଇଛି କିନ୍ତୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସଂକ୍ରାନ୍ତ ରେ ଅସ୍ତରଙ୍ଗ ବ୍ଲକ ମାଳଦା ଗ୍ରାମ ର ଯୁବ ସମାଜସେବି ଅମୀୟ ରଞ୍ଜନ ବାରିକ ମତପ୍ରଦାନ କରିଛନ୍ତି, ଆଜିର ମିଳିତ ଜନଶୁଣାଣୀ ରେ ରାସ୍ତା, ପାନୀୟଜଳ, ପରିମଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜଙ୍ଗଲ ପରିବେଶ, ବିଭିନ୍ନ ପଞ୍ଚାୟତସ୍ତରୀୟ ଉନ୍ନୟନ କାର୍ଯ୍ୟକ୍ରମ,ପଶୁ ସମ୍ପଦ,ଭତ୍ତା, ଖାଉଟି କଲ୍ୟାଣ, ବିଦ୍ୟୁତ ସେବା,ଆଇନ ସେବା ଓ ରାଜସ୍ୱ ବିଭାଗ ଉପରେ ସର୍ବମୋଟ ୧୮୦ ଜଣ ଅଭିଯୋଗ କାରି ପଞ୍ଜିକୃତ କରିବା ସହ ଜିଲ୍ଲା ପ୍ରଶାସନ ଆଗରେ ନିଜ ନିଜ ସମସ୍ୟା ଉପରେ ଆଲୋକପାତ କରିଛନ୍ତି। ଏହି ମିଳିତ ଜନଶୁଣାଣୀ ରେ ଜିଲ୍ଲାପାଳ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଉପସ୍ଥିତ ରେ କାର୍ଯ୍ୟକ୍ରମ ଜାରିରହିଥିଲା, ଅନ୍ୟ ମାନଙ୍କ ଭିତରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ, ଉପାଧକ୍ଷ ଦୁଃର୍ଜୟ ମିଶ୍ର, ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡା, ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧକ୍ଷ ବିଷ୍ଣୁ ପ୍ରସାଦ ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଉପସ୍ଥିତ ରହି ସାଧାରଣ ଲୋକ ମାନଙ୍କ ଅଭିଯୋଗ କୁ ଗ୍ରହଣ କରି ସେମାନଙ୍କ ସମାଧାନ ପାଇଁ ଧିବଧ ଭାବେ ଆଲୋଚନା କରିଥିଲେ, ପ୍ରକୋଷ୍ଠ ରେ ପୁରୀ ଜିଲ୍ଲା ର ବିଭିନ୍ନ ବିଭାଗ ର ଅଧିକାରୀ ଙ୍କ ସମେତ ଅସ୍ତରଙ୍ଗ ବ୍ଲକ ଓ ବିଭିନ୍ନ ବିଭାଗ ର ପ୍ରଶାସନିକ ଅଧିକାରୀ ମଧ ଉପସ୍ଥିତ ରହିଥିଲେ। ଏ ସଂକ୍ରାନ୍ତରେ ଅସ୍ତରଙ୍ଗ ଅଞ୍ଚଳ ଉଦ୍ୟୋଗୀ ଯୁବକ ତଥା ଆଇନଜୀବୀ ଦିବ୍ୟଦର୍ଶୀ ବିଶ୍ୱାଳ ଙ୍କ ମତଅନୁସାରେ ସରକାର ଙ୍କ ବିହିତ ଜନକଲ୍ୟାଣ କାର୍ଯ୍ୟକ୍ରମ ବ୍ଲକ ସ୍ତରୀୟ ଜନଶୁଣାଣୀ,।

## ଧୀମା ନେଟୱର୍କ ଯୋଗୁଁ ପାରାଦୀପ ରେ ମୋବାଇଲ ସେବା ବିପର୍ଯ୍ୟସ୍ତ

### ଗ୍ରାହକଙ୍କୁ ଲୁଟୁଛନ୍ତି ସେବା ପ୍ରଦାନକାରୀ ସଂସ୍ଥା

ପାରାଦୀପ(ମହାଭାରତ): ଅଧୁନା ସମାଜରେ ଯୋଗାଯୋଗ କ୍ଷେତ୍ରରେ ମୋବାଇଲ ବ୍ୟବହାର ଏକ ଅତ୍ୟାବଶକୀୟ ଏବଂ ଅପରିହାର୍ଯ୍ୟ ହୋଇପଡିଛି । ଲୋକମାନେ ମୋବାଇଲ ଉପରେ ପୁରା ନିର୍ଭରଶୀଳ ହୋଇପଡିଥିବା ବେଳେ କିଛି ଦିନ ହେବ ବିଭିନ୍ନ ମୋବାଇଲ ସେବା ପ୍ରଦାନକାରୀ ସଂସ୍ଥା ମାନଙ୍କର ଧୀମା ନେଟୱର୍କ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ବନ୍ଦର ସହର ପାରାଦୀପ ରେ ସାଧାରଣରେ ଯୋଗାଯୋଗ ଦୁର୍ବିସହ ହୋଇପଡିଛି । ବନ୍ଦର ଓ ଶିଳ୍ପ ଭିତ୍ତିକ ପାରାଦୀପ ସହରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଓ ବିଭାଗ ରହିଥିବା ବେଳେ ଧୀମା ନେଟୱର୍କ ଯୋଗୁଁ ସେମାନଙ୍କର କାର୍ଯ୍ୟରେ ମଧ ବ୍ୟାଘାତ ସୃଷ୍ଟି ହେଉଛି । ତେବେ ସାଧାରଣରେ ବହୁଳ ସଂଖ୍ୟାରେ ଜିଓ ଓ ଏଆରଟେଲ କମ୍ପାନୀ ର ନେଟୱର୍କ ସେବା ବ୍ୟବହାର କରୁଥିବା ବେଳେ ଦୀର୍ଘ ମାସ ହେବ ଏମାନଙ୍କ ଧୀମା ନେଟୱର୍କ ଯୋଗୁଁ ସାଧାରଣରେ ଯୋଗାଯୋଗ ରେ ବିଭ୍ରାଟ ସୃଷ୍ଟି ହେଉଛି । ସେହିପରି ବର୍ତ୍ତମାନ ପାରାଦୀପ ବେଳାଭୂମି ବିଜୁ ମୈଦାନ ରେ ସପ୍ତାହ ବ୍ୟାପି ଚାଲିଥିବା କଳିଙ୍ଗ ବାଲିଯାତ୍ରା ରେ ଦୁର୍ବଳ ନେଟୱର୍କ ଯୋଗୁଁ ବାଲିଯାତ୍ରା କୁ ଆସୁଥିବା ଲୋକମାନେ ସେଠାରେ ନିଜର ସମ୍ପର୍କୀୟ ମାନଙ୍କୁ ମୋବାଇଲ ରେ ଯୋଗାଯୋଗ କରିବା ମୁସ୍କିଲ ହୋଇପଡିଛି । ଏତଦବ୍ୟତୀତ ବାଲିଯାତ୍ରା ମହୋତ୍ସବର ଦୈନିକ ଖବର ସଂଗ୍ରହ ଓ ପ୍ରେରଣ ଏକ ପ୍ରକାର ଠପ ହୋଇଯାଇଛି । ସୂଚନାଥାଉକି ପ୍ରତିବର୍ଷ ବାଲିଯାତ୍ରା ସମୟରେ ଏହିପରି



ନେଟୱର୍କ ସେବାରେ ବିଭ୍ରାଟ ହେଉଥିବା ଏବଂ ସେଠାରୁ ଖବର ପ୍ରେରଣ ରେ ବ୍ୟାଘାତ ସୃଷ୍ଟି କୁ ଦୃଷ୍ଟିରେ ରଖି ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧକ୍ଷ ନିରଞ୍ଜନ ବେହେରା ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଏବାବଦରେ ଜିଓ, ିଏସଏନଏଲ ଓ ଏଆରଟେଲ କମ୍ପାନୀ ର ଅଧିକାରୀ ମାନଙ୍କୁ ଏ ସମସ୍ୟା ସମାଧାନ କରିବାକୁ ମଧ ପ୍ରତିଶୃତି ଦେଇଥିଲେ । ଏତେ କଥା ଘଟିଲା ପରେ ମଧ ସ୍ଥିତି ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ରହିଛି । ଅନ୍ୟପକ୍ଷରେ ଏସବୁ କମ୍ପାନୀ ମାନେ ଗ୍ରାହକ ମାନଙ୍କ ଠାରୁ ନେଟୱର୍କ ସେବା ପ୍ରଦାନ ପାଇଁ ନିର୍ଦ୍ଧିଷ୍ଟ ଦିନ ପାଇଁ ଅଗ୍ରିମ ଅର୍ଥ ନେଉଥିବା ବେଳେ ନେଟୱର୍କ ବିଭ୍ରାଟ ଯୋଗୁଁ ଗ୍ରାହକ ମାନେ ସମ୍ପୂର୍ଣ୍ଣ ସମୟର ସେବା ନପାଇ ପାରି ଆର୍ଥିକ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୁଏ । ତେବେ ଏକ ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ ଏବାବଦରେ କ୍ଷତି ଭରଣା ପାଇଁ କିଛି ସମାଜସେବୀ ଆଇନ ର ଆଶ୍ରୟ ନେବାକୁ ପ୍ରସ୍ତୁତି ଚଳାଇଛନ୍ତି ।

## ସିଧପୁର କଳାଖାଡ଼ି ରାସ୍ତାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା, ତିନି ଗୁରୁତର

ଆସିକା(ମହାଭାରତ): ସିଧପୁର କଳାଖାଡ଼ି ଗ୍ରାମ ରାସ୍ତାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣା ରେ ତିନିଜଣ ଗୁରୁତର ହୋଇଛନ୍ତି । ଗୁରୁତର ଙ୍କ ମଧ୍ୟରୁ ଦୁଇ କଳାଖାଡ଼ି ଗ୍ରାମର ସୁଦ୍ଧା ପ୍ରଧାନ, ଅନିଲ ସ୍ୱାଇଁ ହୋଇଥିବା ବେଳେ ଅନ୍ୟଜଣେ ଗୋବରଲୁଣ୍ଡି ଗ୍ରାମର ନାରାୟଣ ଗୌଡ଼ ହୋଇଥିବା ଜଣାପଡିଛି । ସୂଚନା ପ୍ରକାରେ  ନାରାୟଣ ଗୋଟିଏ ବାଇକ ରେ ନିଜ ଗ୍ରାମ ଅଭିମୁଖେ ଯିବା ସମୟରେ ସିଧପୁର କଳାଖାଡ଼ି ରାସ୍ତା ର ବୁଲାଣି ରାସ୍ତା ନିକଟରେ ବିପରୀତ ଦିଗରୁ ଆସୁଥିବା ଅନିଲ ଓ ସୁଦ୍ଧା ଙ୍କ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ରେ ସୁଦ୍ଧା ଓ ନାରାୟଣ ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଅନିଲଙ୍କ ଜିଭ କଟିଥିବା ସ୍ଥାନୀୟ ଲୋକେ ଦେଖି ସମସ୍ତଙ୍କୁ ଉଧାରକରୀ ଚିକତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଏଠାରେ ପ୍ରାଥମିକ ଚିକିତ୍ସା ପରେ ସୁଦ୍ଧା ଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ତେବେ କେଉଁ  କାରଣ ଯୋଗୁଁ ବାଇକ ଦୁର୍ଘଟଣା ଘଟିଲା ତାର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।

## ମହେନ୍ଦ୍ରଗଡ଼ରେ ପ୍ରାଥମିକ ଶିକ୍ଷକ ମାନଙ୍କର ତିନି ଦିନିଆ ତାଲିମ ଶିବିର ଅନୁଷ୍ଠିତ



ମହେନ୍ଦ୍ରଗଡ଼ (ମହାଭାରତ): ସୋମବାର ଦିନ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ରା ଉଦୟଗିରି ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୫୦ ଜଣ ପ୍ରାଥମିକ ଶିକ୍ଷକ ମାନଙ୍କର ତିନିଦିନିଆ ପ୍ରଶିକ୍ଷଣ ଶିବିର ପ୍ରଧାନ ଶିକ୍ଷକ ଲୋକନାଥ ନାହାକଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ନାହାକ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ରାଜ୍ୟ ପୁରସ୍କୃତ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ମନ୍ତ୍ର ଉଚ୍ଚାରଣ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ବେହେରଦଳାଇ,  ମୃତ୍ୟୁଞ୍ଜୟ ପୂଜାରୀ, କୃଷ୍ଣଚନ୍ଦ୍ର ପୂଜାରୀ ଓ ସୁବାସ ଚନ୍ଦ୍ର ବିଷୋୟୀ ସମ୍ବଳ ସାଧନ କର୍ମୀ ଭାବେ ମଂଚସୀନ ଥିଲେ ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ  ଉଖଘ କାର୍ଯ୍ୟକ୍ରମର ପ୍ରୟୋଗ ମୋଡେଲ ରୂପେ ପ୍ରଶିକ୍ଷ୍ୟଣ ଦିଆଯିବ ଏହା ପ୍ରଥମ ଶ୍ରେଣୀ ଠାରୁ ତୃତୀୟ ଶ୍ରେଣୀ କୋମଳମତି ଛାତ୍ର ଛାତ୍ରୀ ମାନଙ୍କର ସାହିତ୍ୟ ଓ ଗଣିତ ଆଦି ବିଷୟ ଗୁଡିକର ମୌଳିକ ଦକ୍ଷତା ଅଭିବୃଦ୍ଧି ହେବାରେ ସହାୟକ ହେବ ବୋଲି ମଞ୍ଚାସିନ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଚାଲୁ ରହିଛି  ଶିକ୍ଷା, ଶିକ୍ଷକ ଓ ଶିକ୍ଷୟାତନ ସମ୍ପର୍କରେ ପ୍ରଧାନ ଶିକ୍ଷକ ଲୋକନାଥ ନାହାକ ମତ ସାବ୍ୟସ୍ତ କରିଥିବା ବେଳେ ମୃତ୍ୟୁଞ୍ଜୟ ପୂଜାରୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅକାଳ ବିୟୋଗ

ହିନ୍ଦୋଳ(ମହାଭାରତ)-ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅକାଳ ବିୟୋଗ ଘଟିଛି । ଖବରରୁ ପ୍ରକାଶ କନ୍ତାମିଲା ପଂଚାୟତ ନିର୍ବାହୀ ଅଧିକାରୀ ସାରଙ୍ଗଧର ସ୍ୱାଇଁ(୫୩) କିଛି ଦିନ ଧରି ଲିଭର ଜନିତ ରୋଗରେ ପୀଡିତ ହୋଇଛି ଚିକିତ୍ସାଧୀନ ଥିଲେ । ତାଙ୍କ ସ୍ୱାସ୍ଥ୍ୟ ବିଗିଡି ଯିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମାତ୍ର ସ୍ୱାସ୍ଥ୍ୟରେ ସୁଧାର ନଆସିବାରୁ ଭୁବନେଶ୍ୱର କିମସ ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା ।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ପରଲୋକ ହୋଇଯାଇଥିଲା । ସ୍ୱର୍ଗତ ସାରଙ୍ଗଧରଙ୍କ ନିଜ ଜନ୍ମସ୍ଥାନ ଢେଙ୍କାନାଳ ଜିଲ୍ଲା ମଙ୍ଗଳପୁର ଅଞ୍ଚଳରେ । ସେ ଜଣେ ମେଳାପୀ କ□ବ୍ୟନିଷ୍ଠ କର୍ମଚାରୀ ଥିଲେ । କାନ୍ତାମିଲା ପଂଚାୟତର ନିର୍ବାହୀ ଅଧିକାରୀ ଭାବରେ ଦାୟିତ୍ୱ ସମ୍ପର୍ଣ୍ଣ କରିବା ପୂର୍ବରୁ ନୂଆବଗ ପଂଚାୟତ ନିର୍ବାହୀ ଅଧିକାରୀ ଭାବରେ ନିଷ୍ଠାର ସହ ଦାୟିତ୍ୱ ତୁଲାଇଥିଲେ । ସାରଙ୍ଗଧରଙ୍କ ଅକାଳ ବିୟୋଗରେ ହିନ୍ଦୋଳ ସାମ୍ବାଦିକ ସଙ୍ଘ ସଭାପତି ସୁଶାନ୍ତ ପତି, ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା,ସଂଘ ସମସ୍ତ ସଦସ୍ୟ,ପୂର୍ବତନ କନ୍ତାମିଲା ସରପଞ୍ଚ ବିଶେଶ୍ୱର ସେଠି, କନ୍ତାମିଲା ସରପ□ ସୁନନ୍ଦା ଅମାନ୍ତଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି, ସରକାରୀ କର୍ମଚାରୀ, ପଂଚାୟତ ଜନସାଧାରଣ ଶୋକ ପ୍ରକାଶ କରିଛନ୍ତି । ସାରଙ୍ଗଧର ଙ୍କ ଅନ୍ତିମ ସଂସ୍କାର ତାଙ୍କ ନିଜସ୍ୱ ଗ୍ରାମ ମଙ୍ଗଳପୁରରେ ଅନୁଷ୍ଠିତ ହେବବୋଲି ପରିବାର ସୂତ୍ରରୁ ପ୍ରକାଶ।

### ଜମୁଛି ପାରାଦୀପ କଳିଙ୍ଗ ବାଳିଯାତ୍ରା

# ତିଳକ ଓ ତ୍ରିଶାଙ୍କ ସଂଗୀତ ରେ ଝୁମିଲେ ଦର୍ଶକ





ପାରାଦୀପ(ମହାଭାରତ):ଆଠଦିନ ବ୍ୟାପି ଚାଲିଥିବା ପାରାଦୀପ କଳିଙ୍ଗ ବାଲିଯାତ୍ରା ର ପ୍ରତ୍ୟେକ ସନ୍ଧ୍ୟାରେ ନାମୀ ଦାମୀ କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟି ର ସାଂସ୍କୃତିକ ଓ ସଂଗୀତ କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି । ତେବେ ପ୍ରଥମ ତିନିଦିନ ଏହି ମହୋତ୍ସବରେ ସେତେଟା ଗହଳି ନଥିବା ବେଳେ ଚତୁର୍ଥ ସନ୍ଧ୍ୟାରେ ରବିବାର ସାଙ୍ଗକୁ ଛାଡ଼ଖାଇ ଯୋଗୁଁ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା । ସେହିପରି ଏହି ମହୋତ୍ସବରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସ୍ୱଳ୍ପ ସମୟରେ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ ପରେ ଶେଷରେ ବଡ଼ କଳାକାର ମାନଙ୍କ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ଏହି କ୍ରମରେ ମହୋତ୍ସବ ର ପଞ୍ଚମ ସନ୍ଧ୍ୟା ଅର୍ଥାତ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଆଦିଦେବ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଶ୍ଚିମବଙ୍ଗ ର ନାମୀ କଣ୍ଠଶିଳ୍ପୀ ତିଲକ ଚକ୍ରବର୍ତ୍ତୀ ଓ ତ୍ରିଶା ଙ୍କ ମନଛୁଆଁ ସଂଗୀତ ପରିବେଷଣ ଉପସ୍ଥିତ ହଜାର ହଜାର ଦର୍ଶକ ଙ୍କ ମନ ଛୁଇଁ ପାରିଥିଲା । ତେବେ ଅନୁଷ୍ଠାନ କୁ ମାତ୍ର ଅଧଘ□। କାର୍ଯ୍ୟକ୍ରମ କରିବାକୁ ଅନୁମତି ମିଳିଥିବା ବେଳେ ଉପସ୍ଥିତ ଦର୍ଶକ ଙ୍କ ଅନୁରୋଧ କ୍ରମେ ଏହି କାର୍ଯ୍ୟକ୍ରମ ଆଉ କିଛି ସମୟ ଧରି ଚାଲିଥିଲା । ତେବେ ଏ କାର୍ଯ୍ୟକ୍ରମ ପାଇଁ କମିଟି ପକ୍ଷରୁ ସ୍ୱଳ୍ପ ପାରିଶ୍ରମିକ ମିଳୁଥିବା ବେଳେ ବାଲିଯାତ୍ରା ମହୋତ୍ସବ କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଦିଦେବ ଅନୁଷ୍ଠାନ ନିଜସ୍ୱ ଖର୍ଚ୍ଚରେ ଏପରି ନାମୀ ଦାମୀ କଳାକାର ମାନଙ୍କ ଦ୍ୱାରା ଆୟୋଜିତ ସଂଗୀତ କାର୍ଯ୍ୟକ୍ରମ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯିବା ସହ ବାଲିଯାତ୍ରା ପାଇଁ ଏକ ଆଦର୍ଶ ସୃଷ୍ଟି କରିଥିବା ନେଇ ଚର୍ଚ୍ଚା ହେଉଛି। ଏହି ସମସ୍ତ କାର୍ଯ୍ୟକ୍ରମ କୁ ଆଦିଦେବ ଏଣ୍ଟରଟେନମେଣ୍ଟ ଅନୁଷ୍ଠାନ ର ଅଧ୍ୟକ୍ଷା ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକ,ମୁଖ୍ୟ ଉପଦେଷ୍ଟା ଚନ୍ଦ୍ରକାନ୍ତ ସୁତାର, ବବ୍ରୁବାହନ ରାଉତ, ସଭାପତି ବିରଜା ପ୍ରସାଦ ତ୍ରିପାଠୀ,ରତ୍ନାକର ସ୍ୱାଇଁ, ସୁଧାଂଶୁ ନାୟକ, ପ୍ରଶାନ୍ତ ସ୍ୱାଇଁ, ଆଇନଜୀବୀ ରବିନ୍ଦ୍ର ଜେନା, ସନ୍ତୋଷ ଭାରତୀ,ସ୍ମୃତି ଚନ୍ଦନ ତ୍ରିପାଠୀ,ପ୍ରଭାକର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ସରୁଆଳି ରେ ଦେବଗଡ଼ ଜିଲ୍ଲୟପାଳ ଙ୍କ ଅଭିଯୋଗ ଶୁଣାଣୀ

ଦେବଗଡ଼ (ମହାଭାରତ) :ଦେବଗଡ ଜିଲ୍ଲା ବାରକୋଟ ବ୍ଲକଅନ୍ତର୍ଗତ ସରୁଆଳି ଗ୍ରାମପଂଚାୟତ ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛ। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୬ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୦ଟି ବ୍ୟକ୍ତିଗତ ଏବଂ ୩୬ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ଶିକ୍ଷକ ନିଯୁକ୍ତି, ପାନୀୟ ଜଳ, ଚେକ ଡ୍ୟାମ, ଗାଈ ଗୁହାଳ, ରାସ୍ତା ମରାମତି ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଇ ଶ୍ରମ ପୋର୍ଟାଲ ରେ ଯେଉଁ ବ୍ୟକ୍ତି ଅନଲାଇନ କରିଥିଲେ ସେମାନଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତରହି ଥିଲେ।

### ବାଲିଯାତ୍ରା ମହୋତ୍ସବର ତୃତୀୟ ସଂଧ୍ୟା

## ନିର୍ଭିକ ହେଲେ କେନ୍ଦ୍ରାପଡାର ବିକାଶ ହେବ: ସୌମ୍ୟରଂଜନ





କେନ୍ଦ୍ରାପଡ଼ା,(ମହାଭାରତ): ଗୁଲନଗର ପଂଚାୟତର ସୁଜାନଗରସ୍ଥିତ ବାଲିଯାତ୍ରା ପଡ଼ିଆରେ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବର ତୃତୀୟ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ସମ୍ବାଦ ଗ୍ରୁପ୍‌ର ଅଧ୍ୟକ୍ଷ ସୌମ୍ୟରଂଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ବିଜେପି ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ା, ଯୁବନେତା ଲଳିତ ବେହେରା, ସମାଜସେବୀ ଭଗବାନ ବିଶ୍ୱାଳ, ବିଶିଷ୍ଟ ସ୍ତମ୍ଭକାର ଡକ୍ଟର ସର୍ବେଶ୍ୱର ସେଣ ପ୍ରମୁଖ ଯୋଗ ଦେଇ କେନ୍ଦ୍ରାପଡ଼ା ମାଟିର ଐତିହ୍ୟ ଓ ନୌବାଣିଜ୍ୟ ପରମ୍ପରାକୁ ରୋମନ୍ଥନ କରିବାର ମାଧ୍ୟମ ହେଉଛି ବାଲିଯାତ୍ରା। ବାଲିରେ ଏହି ଯାତ୍ରା ହେଉଥିବାରୁ ଏହାକୁ ବାଲିଯାତ୍ରା କୁହାଯାଉଛି। କିନ୍ତୁ ଏହା ଯେ କେବଳ ନଦୀ ଶଯ୍ୟା କିମ୍ବା ସମୁଦ୍ର କୂଳରେ ହେବ ବୋଲି ଧାର୍ଯ୍ୟ ନିୟମ ନାହିଁ। ଏହା ଯେକୌଣସି ସ୍ଥାନରେ ହିଁ ହେଇପାରିବ। ଦଳମତ ନିର୍ବିଶେଷରେ ସବୁ ଦଳର ନେତାଙ୍କୁ ଏକାଠି କରିବାକୁ ପଡ଼ିବ। ନିରୋଗ, ନିରହଙ୍କାର, ନିର୍ଭିକ ହୁଅ। ସରକାରୀ ପ୍ରୋତ୍ସାହନ ମିଳିଲେ ଏହି ବାଲିଯାତ୍ର ଆଗକୁ ଆହୁରି ବ୍ୟାପକ ରୂପ ନେଇପାରିବ ବୋଲି ଅତିଥି ମାନେ ମତପୋଷଣ କରିଥିଲେ। ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଅତିତରେ କେନ୍ଦ୍ରାପଡାକୁ କୁହାଯାଏ ମନ୍ତ୍ରୀପଡା । କିନ୍ତୁ ବ□ମାନ ଏହା ସମ୍ଭବ ହୋଇପାରୁ ନାହିଁ । କେନ୍ଦ୍ରାପଡାର ବିକାଶ ହେବାକୁ ହେଲେ ନିର୍ଭିକ ହେବାକୁ ପଡିବ । ଯେ ନିର୍ଭିକ ହେବା ପାଇଁ ସତ ସହିତ ସଙ୍ଗାତ ବସିବାକୁ ପଡ଼ିବ। ସତ ସହଜରେ ସବୁବେଳେ ଉନ୍ମୋଚନ ହେଇପାରେ ନାହିଁ। ଏଥିପାଇଁ ବାରମ୍ବାର ପ୍ରଶ୍ନ ପଚାରିବାକୁ ପଡ଼ିଥାଏ। ଏହି ପ୍ରଶ୍ନ ପଚାରିବାର ଅଭ୍ୟାସକୁ ବଢ଼ାଇଲେ ସତ ଆଜି ନହେଲେ ବି କାଲି ସାମ୍ନାକୁ ଆସିବ। ସେ ଆହୁରି କହିଥିଲେ ଯେ ପାଂଚଟି "ମ" ଆଉ ପାଂଚଟି "ନ" ମନ୍ତ୍ରକୁ ଅନୁସରଣ କଲେ ସବୁ ସମସ୍ୟାର ସମାଧାନ ହେଇଯିବ। "ମା, ମାଟି, ମାତୃଭାଷାକୁ ଭୁଲ ନାହଁ। ମୋବାଇଲ୍, ମଦଠୁ ଦୂରେଇ ରୁହ। ନିରାଡମ୍ବର ଜୀବନଯାପନ କର। ମାଟି ମନସ୍କ ହେଇ ମଦମୁକ୍ତ ଓଡ଼ିଶା ପାଇଁ କାମ କର। ମନ ଉପରେ ବାଖ୍ୟା କରି କହିଥିଲେ ପାଂଚଟି ମ ଆଉ ନ କୁ ଜୀବନରେ ମନ୍ତ୍ର ରୂପେ ଗ୍ରହଣ କରି ଅନୁପାଳନ କଲେ ମଣିଷ ସଫଳ ହେବା ସହିତ ସବୁ ସମସ୍ୟାର ସମାଧାନ ହେଇଯିବ । ପ୍ରାରମ୍ଭରେ କମିଟିର ସଂପାଦକ ସଂଜୟ ଜେନା ସ୍ୱାଗତ ଭାଷଣ ଓ ପତ୍ରିକା ସଂପାଦକ ଶୁଭ୍ରାଂସୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋରଂଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋହିତ ମହାନ୍ତି, ରାଜୁ କୁବେର, କରୁଣାକର ଦାସ, ପୀତବାସ ବେହେରା, ରବୀନ୍ଦ୍ର ସାହୁ, ପ୍ରତାପ ନାରାୟଣ ମହାପାତ୍ର, କରୁଣାକର ଦାସ, ଟୁଟୁ ଗେରୁ, ଶ୍ରୀଧର ମହାନ୍ତି, ସହ କୋଷାଧ୍ୟକ୍ଷ ପଞ୍ଚାନନ ଗେରୁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ସିଂହ, ମହେଶ ପାଢ଼ି, ମୃତ୍ୟୁଞ୍ଜୟ ସାହୁ, ରାମଚନ୍ଦ୍ର ବାରିକ, ଲାଲବାବୁ, ଦୁର୍ଯ୍ୟୋଧନ ଗେରୁ, ଶ୍ରୀଧର କୁମାର ଭୋଳ, କୈଳାସ ଗେରୁ, କାଶୀନାଥ ରାଉତରାୟ, ମହେନ୍ଦ୍ର ଆଚାର୍ଯ୍ୟ, ପିତବାସ ଦାସ, ଶତ୍ରୁଜିତ ନାୟକ, ମୃତ୍ୟୁଞ୍ଜୟ ମହାନ୍ତି, ଶରତ କୁମାର ରାଉତ, ମଦନମୋହନ ସାହୁ, ସରୋଜକାନ୍ତ ସାହୁ,  ମହେନ୍ଦ୍ର ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ଅକ୍ଷୟ ପ୍ରିୟ ଦାସ, ଦୁର୍ଯ୍ୟୋଧନ ଗେରୁ, ସେକ ରିଙ୍କୁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିରଂଜନ ମହିଳା ମହାବିଦ୍ୟାଳୟ ଠାରେ  ଆତ୍ମ ରକ୍ଷା କୌଶଳ ଶିବିର ଉଦଯାପିତ

ଆସିକା(ମହାଭାରତ): ଆସିକା ସରକାରୀ ନିରଂଜନ ମହିଳା ବିଦ୍ୟାଳୟ ଠାରେ +୩ ଦ୍ୱିତୀୟ ବର୍ଷ ର କଳା ଛାତ୍ରୀ ମାନଙ୍କୁ ନେଇ ଦୀର୍ଘ ୨୦ଦିନ ଧରି  ଚାଲିଥିବା ଆତ୍ମ ରକ୍ଷା କୌଶଳ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବ ରେ କଲେଜ ର ଅଧକ୍ଷ ଗଣେଶ୍ୱେର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ରେ  ସାମ୍ପ୍ରତିକ ସମାଜ ରେ ମହିଳା ମାନେ ନିଜେ ନିଜର ସୁରକ୍ଷା, ଆତ୍ମ



ରକ୍ଷା ସହିତ ପୁରୁଷ ମାନଙ୍କ ସହିତ ସମକକ୍ଷ ହେବା ନିମନ୍ତେ ଏହି କୌଶଳ ନିତ୍ୟାନ୍ତ ଜରୁରୀ ବୋଲି ଅତିଥି ମାନେ ମତ ରଖିଥିଲେ । ଆତ୍ମ ରକ୍ଷା ଉପରେ ବିଦ୍ୟର୍ଥୀ ମାନେ ଏକ ନାଟକ ପରିବେଷଣ କରିଥିଲେ । , ଡ଼. ଲକ୍ଷ୍ମଣ କୁମାର ସୋରେନ,ଡ଼. ଜୟପ୍ରଦା ମହାପାତ୍ର, ଡ଼. ସରୋଜ କୁମାର ଜେନା, ଡ଼. କେ.ଓମ ନାରାୟଣ ରାଓ, ଡ଼. ଲୀଳା ଲିଲିଆନ, ଡ଼. ଜଶଶ୍ରୀ ମଲ୍ଲିକ,ଅଧ୍ୟାପକ ସୁଶୀଲ କୁମାର ଆଚାର୍ଯ୍ୟ, ଚନ୍ଦିନୀ ସେଠି, ଡ଼. ଉର୍ମିଳା ମୁଦୁଲି, ସୁପ୍ରିୟା ଦାସ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଲିଜା ସେଠି ସଂଗୀତା ନାହାକ,ପ୍ରଦାନ  କରିଥିଲେ।

## ବିଜେପିରେ ଯୋଗଦେଲେ ବିଜେଡି ସମର୍ଥିତ ୦୪ ସମିତି ସଭ୍ୟ



ଆସିକା (ମହାଭାରତ): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ର  ୦୪ ଜଣ ସମିତିସଭ୍ୟ ଏବଂ ତାଙ୍କ ସ୍ୱାମୀ ଏବଂ ସମର୍ଥକ ମାନେ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟି ରେ ଯୋଗ ଦେଇଛନ୍ତି । ବାଲିସିରା ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ମିଶ୍ରଣ ପର୍ବରେ ବାବନପୁର ସମିତି ସଭ୍ୟ ସନ୍ତୋଷ ଜେନା, ସିଦ୍ଧନଇ ସମିତି ସଭ୍ୟ ରାଜୀବ ପାତ୍ର,ନିମିନା ସମିତି ସଭ୍ୟା ଙ୍କ ସ୍ୱାମୀ ଶଶାଙ୍କ ଚର୍ଚ୍ଚି, ବାଲିଛାଇ ସମିତି ସଭ୍ୟା ଙ୍କ ସ୍ୱାମୀ ହେମନ୍ତ ଗୌଡ଼ ଆଜି ପୂର୍ବାହ୍ନ ରେ ତାଙ୍କ ସମର୍ଥକ ଙ୍କ ସହ ବିଜେପି ଯୋଗ ଦେଇଛନ୍ତି । ଆସିକା ବିଧାୟକ  ସରୋଜ କୁମାର ପାଢ଼ୀଙ୍କ ଉପରେ ଭରସା ଏବଂ ବିଜେପି ର ନୀତି ଆଦର୍ଶ କୁ ମାନି ଦଳ ରେ ମିଶିଛନ୍ତି ।

### ଗୋବିନ୍ଦପୁରରେ ମିଳିତ ଜନ ଶୁଣାଣୀ ଶିବିର

## ୭୮୫ ଅଭିଯୋଗରୁ ୧୩ ସାମୁହିକ, ୨ ଅଭିଯୋଗର ତ୍ୱରିତ ସମାଧାନ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ପଞ୍ଚାୟତ ସମିତି ଓ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ, ତହସିଲଦାର ତାପସ ବିସି, ବିଡ଼ିଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମଧୁବାବୁ ପେନସନ, ଦିବ୍ୟାଙ୍ଗ ଭତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିଦ୍ୟୁତ ସମସ୍ୟା, ପାଣି ସମସ୍ୟା ଭଳି ମୋଟ ୭୮୫ଟି ବିଭିନ୍ନ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା ।ତନ୍ମଧ୍ୟରୁ ୭୫୮ ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୧୩ ଟି ସାମୁହିକ ଥିଲା । ୨ ଟି ଅଭିଯୋଗର ତୁରନ୍ତ ଫୈସଲା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଁଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଜଣେ ନିର୍ମାଣ ଶ୍ରମିକଙ୍କୁ ୨ ଲକ୍ଷ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଗ୍ରାମା□ଳର ଲୋକଙ୍କ ହିତରେ ସରକାରଙ୍କ ଦ୍ୱାରା ଗୃହୀତ ବିଭିନ୍ନ ଜନ ହିତକାରୀ ଯୋଜନା ବାଟବଣା ହୋଇରହିଛି ବୋଲି ଶିବିରରେ ପ୍ରମୁଖ ଅଭିଯୋଗ କରାଯାଇଛି। ଅଯୋଗ୍ୟ ଏବଂ ଧନୀଶିଳ ବ୍ୟକ୍ତିଙ୍କ ନିକଟରେ ସରକାରୀ ଯୋଜନା ପହ□ୁଥିବା ବେଳେ ଗରିବ ଶ୍ରେଣୀର ଲୋକେ ବ□ିତ ହେଉଛନ୍ତି ବୋଲି ବହୁ ଅଭିଯୋଗ ହୋଇଥିଲା ।ସେହିପରି ବେଗୁନିଆ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଗତ ଏକ ସପ୍ତାହ ହେଲା ଅପହରଣ କରାଯାଇଛି। ନାବାଳିକାଙ୍କ ସମ୍ପର୍କୀୟ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସର ତଦନ୍ତରେ ଶିଥିଳତା ନେଇ ଜିଲାପାଳ ରାଣାଙ୍କ ନିକଟରେ ସାଙ୍ଘାତିକ ଅଭିଯୋଗ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସ୍ଥାନୀୟ ସରପଞ୍ଚ ପ୍ରାଚୀ ପ୍ରତ୍ୟୁଷା ଖଟେଇ ଏବଂ ଜିଲା ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ଜିତେନ୍ଦ୍ର ପାହାଡ଼ ସିଂହ ଏବଂ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ କାର୍ଯ୍ୟେକ୍ରମକୁ ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ



ଟାଙ୍ଗୀ(ମହାଭାରତ): ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ମଧୁ ମେହ ଓ ଉଚ୍ଚ ରକ୍ତ ଚାପ ରୋଗୀ ମାନଙ୍କୁ ନେଇ ସ୍ୱାସ୍ଥ୍ୟ ସମ୍ବନ୍ଧିୟ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଅଛ। ଦିନକୁ ଦିନ ଖାଦ୍ୟ ପ୍ରଣାଳୀ ବଦଳୁଥିବାରୁ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡୁଛି। ଫଳରେ ଉଚ୍ଚ ରକ୍ତ ଚାପ ରୋଗ । ମଧୁ ମେହ ଭଳି ଜଟିଳ ରୋଗ କବଳ ରେ ଲୋକେ କବଳିତ ହେଉଛନ୍ତ। ତେଣୁ ପ୍ରତିଦିନ ଶାରୀରିକ ବ୍ୟାୟମ । ସନ୍ତୁଳିତ ଖାଦ୍ୟ ଗ୍ରହଣ କରନ୍ତୁ। ଏହା ସହ ସୁଖ ନିଦ୍ରା ଯିବା ଦ୍ୱାରା ଏହି ରୋଗ କୁ ବହୁ ପରିମାଣ ରେ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଉପଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚେତନ କାରୀ। ଏହି. କାର୍ଯ୍ୟକ୍ରମ ରେ ଇସସଙ୍କଷ୍ପ ସ୍ୱାସ୍ଥ୍ୟ ଅଧିକାରୀ ସସ୍ମିତା ସ୍ୱାଇଁ ରୋଗୀ ମାନଙ୍କୁ ସଚେତନ କରିଥିବା ବେଳେ ଦେବାଶିଷ ନାୟକ ଏଲ ଟି। ଶିବବ୍ରତ ସାହୁ ଏଲ ଟି ପ୍ରମୁଖ ସହଯୋଗ କରିଥିଲେ।

## ଦ୍ୱିତୀୟ ପାରି ଖେଳିବେ ଚନ୍ଦନ ସେନାପତି

କଳାହାଣ୍ଡି /ମହାଭାରତ: କାଟ୍ ଖାଇଲା କେସିଙ୍ଗା ବ୍ଲକ ଅଧକ୍ଷ ଙ୍କ ବିରୁଦ୍ଧରେ ହୋଇଥିବା ଅନାସ୍ଥା ।ଦୀର୍ଘ ଦିନର ଅବସାନ ପରେ ଆଜି କେସିଙ୍ଗା ବ୍ଲକ୍ ଅଧକ୍ଷ ଙ୍କ ଅନାସ୍ଥା ପାରିତ ହେବାର ଥିଲା ।ହେଲେ କୋରମ୍ ପାଇଁ ଏହି ଅନାସ୍ଥା କାଟ ଖାଇଥିବା ଜଣାପଡିଛି ।ଦୀର୍ଘ ଦିନରୁ କେସିଙ୍ଗା ବ୍ଲକ ଅଧକ୍ଷ ଙ୍କ ବିରୋଧରେ ରେ ଅନାସ୍ଥା ଆଗତ ହୋଇଥିଲା ଗତ ୧ ତାରିଖ ରେ ଅନାସ୍ଥା ତାରିଖ ଘୋଷଣା ହୋଇଥିଲେ ସୁଦ୍ଧା ନିର୍ବାଚନ ଦାୟିତ୍ୱ ରେ ଥିବା ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ତାହା ସ୍ଥଗିତ ହୋଇ ୧୮ ତାରିଖ ରେ ହେବା ପାଇଁ ଘୋଷଣା ହୋଇଥିଲା।

### ଶରଦ ପାୱାରଙ୍କୁ ଝଟ୍‌କା
# ରାଜନୀତିରୁ ସନ୍ନ୍ୟାସ ନେଲେ ଏକନାଥ ଖଡ଼ସେ

**ମୁମ୍ବାଇ,୧୮।୧୧(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି ପ୍ରଚାରର ଶେଷ ଦିନରେ (ସୋମବାର) ରାଜନୀତିରୁ ସନ୍ନ୍ୟାସ ନେଇଛନ୍ତି ଅଜିତ ପାୱାରଙ୍କ ଏନସିପି ନେତା ଏକନାଥ ଖଡ଼ସେ । ଆଗକୁ ସେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଏହା ସହ ସେ ଭାବୁକ ମନ୍ତବ୍ୟ ମଧ୍ୟ ଦେଇଛନ୍ତି । ନିଜ ଝିଅ ରୋହିଣୀ ଖଡ଼ସେଙ୍କୁ ବିଜୟୀ କରାଇବାକୁ ଅପିଲ କରିବା ସହ ଏକନାଥ ଖଡ଼ସେ କହିଛନ୍ତି, ଆଗାମୀ ନିର୍ବାଚନ ଦେଖିବି କି ନାହିଁ ତାହା ଭଗବାନ ହିଁ ନିଶ୍ଚିତ କରିବେ। ଦୀର୍ଘ ୪ ଦଶନ୍ଧି ଧରି କେବଳ ଜଳଗାଉଁ ନୁହେଁ ବରଂ ସମଗ୍ର ମହାରାଷ୍ଟ୍ର ରାଜନୀତିରେ ତାଙ୍କର ଦବଦବା ରହିଛି । ଝିଅ ରୋହିଣୀ ଖଡ଼ସେଙ୍କ ପକ୍ଷରୁ ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଭିଡିଓରେ ଏକନାଥ ଖଡ଼ସେ କହିଛନ୍ତି, ବିଧାନସଭା ନିର୍ବାଚନ ନଭେମ୍ବର ୨୦ରେ ହେବ । ବର୍ଷ ବର୍ଷ ଧରି



ଆପଣମାନେ ମୋତେ ସମର୍ଥନ ଦେଇଆସିଛନ୍ତି । ଜାତି ଓ ଧର୍ମରୁ ଉର୍ଦ୍ଧ୍ୱକୁ ଉଠି ମୁଁ ସେବା କରିଆସିଛି । ଏହି ନିର୍ବାଚନରେ ରୋହିଣୀ ଖଡ଼ସେ ଏନସିପିରୁ ପ୍ରାର୍ଥୀ ହୋଇଛନ୍ତି । ମୁଁ ଆଉ ନିର୍ବାଚନ ଲଢ଼ିବି ନାହିଁ । ସ୍ୱାସ୍ଥ୍ୟଗତ ସମସ୍ୟା ଥିବାରୁ ଆଗାମୀ ନିର୍ବାଚନ ଦେଖିପାରିବି କି ନାହିଁ ଜାଣିନାହିଁ ।' ଯେମିତି ଏକନାଥ ଖଡ଼ସେଙ୍କ ସମର୍ଥନ କରିଛନ୍ତି, ରୋହିଣୀ ଖଡ଼ସେଙ୍କୁ ସମର୍ଥନ କରନ୍ତୁ ବୋଲି ଭିଡିଓ ମାଧ୍ୟମରେ ଭୋଟରଙ୍କୁ ସେ ଅପିଲ୍ କରିଛନ୍ତି । ବିଜେପି ନେତା ଗୋପିନାଥ ମୁଣ୍ଡେଙ୍କ ସହିତ ଏକନାଥ ଖଡ଼ସେ ରାଜ୍ୟରେ ବିଜେପିର ବଡ଼ ଚେହେରା ଥିଲେ । ଗୋପିନାଥ ମୁଣ୍ଡେଙ୍କ ସହ ଖଡ଼ସେ ଦଳର ବିକାଶ ପାଇଁ ବହୁ କାର୍ଯ୍ୟ କରିଥିଲେ । ଏକନାଥ ଖଡ଼ସେ ନିଜର ରାଜନେତିକ କ୍ୟାରିୟର କୋଠାରୀ ଗାଁର ସରପଞ୍ଚ ଭାବେ ଆରମ୍ଭ କରିଥିଲେ । ୧୯୮୭ରେ ସରପଞ୍ଚ ହେବା ପରେ ସେ ଆଉ ପଛକୁ ଚାହିଁ ନାହାନ୍ତି । ବିଧାୟକ, ବିରୋଧୀ ଦଳ ନେତା ଏବଂ ୧୨ ବିଭାଗର ମନ୍ତ୍ରୀ ଭଳି ବିଭିନ୍ନ ଦାୟିତ୍ୱ ସମ୍ଭାଳିଥିଲେ । ଏମିତି ଏକ ସମୟ ଥିଲା, ଯେବେ ଖଡ଼ସେଙ୍କ ନାଁ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସାମିଲ ହୋଇଥିଲା । କିନ୍ତୁ ଦେବେନ୍ଦ୍ର ଫଡ଼ନାଭିସଙ୍କ ସହ ମତଭେଦ ଯୋଗୁଁ ଦଳରେ ଏକନାଥ ଖଡ଼ସେଙ୍କ ଶକ୍ତି ହ୍ରାସ ପାଇଥିଲା । ଏହା ପରେ ୨୦୨୦ରେ ବିଜେପି ଛାଡ଼ି ଏନସିପିରେ ସାମିଲ ହୋଇଥିଲେ ଏକନାଥ ଖଡ଼ସେ ।

# ବ୍ରାଜିଲରେ ପିଏମ୍ ମୋଦିଙ୍କୁ ଭବ୍ୟ ସ୍ୱାଗତ କଲେ ରାଷ୍ଟ୍ରପତି ସିଲଭା

**ରିଓ ଡି ଜେନେରିଓ,୧୮।୧୧(ଏଜେନ୍ସି):** ଜି-୨୦ ଶିଖର ସମ୍ମିଳନୀରେ ଭାଗ ନେବା ପାଇଁ ବ୍ରାଜିଲରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେଠାରେ ପହଞ୍ଚିବାରେ କରାଯାଇଛି ଭବ୍ୟ ସ୍ୱାଗତ । ଆୟୋଜକ ବ୍ରାଜିଲର ରାଷ୍ଟ୍ରପତି ଲୁଲା ଡି ସିଲଭା ଜୋରଦାର ଭାବରେ ସ୍ୱାଗତ କରିବା ସହ ହାତ ମିଳାଇଥିଲେ। ଏହାପରେ ତାଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ । ଦୁଇ ନେତା ବହୁ ସମୟ ଧରି ପରସ୍ପର ସହ ଆଲୋଚନା କରିଥିଲେ । ବ୍ରାଜିଲ ରାଷ୍ଟ୍ରପତି ପିଏମ୍ ମୋଦିଙ୍କ କାନ୍ଧ ଉପରେ ହାତ ରଖି ଖୁବ୍ ବେଶ୍ ସମୟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ । ମୋଦି ଜି-୨୦ ଶିଖର ସମ୍ମିଳନୀରେ ଭାଗ ନେବା ବ୍ୟତୀତ ବିଶ୍ୱ ନେତାଙ୍କ ସହ ଆଲୋଚନା କରିବେ । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଚୀନର ରାଷ୍ଟ୍ରପତି ଶି ଜିନପିଙ୍ଗ ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।




ପ୍ରଧାନମନ୍ତ୍ରୀ ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ଉପରେ ଭାରତର ଆଭିମୁଖ୍ୟ ରଖିବେ । ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ମୋଦି ତିନି ଦେଶର ଗସ୍ତରେ ଅଛନ୍ତି ।ନିଜ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ସୋମବାର ସକାଳେ ବ୍ରାଜିଲର ରିଓ ଡି ଜେନେରିଓରେ ପହଞ୍ଚିଥିଲେ । ସେଠାରେ ଭାରତୀୟ ଲୋକ ଖୁବ୍ ଜୋରଦାର ଢଙ୍ଗରେ ସ୍ୱାଗତ କରିଥିଲେ । ଭାରତୀୟ ସମୁଦାୟର ଲୋକ ମୋଦିଙ୍କ ସ୍ୱାଗତ ସଂସ୍କୃତ ମନ୍ତ୍ରଉଚ୍ଚାରଣ ସହ କରିଥିଲେ । ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏନେଇ କହିଛନ୍ତି । ସେ କହିଛନ୍ତି, ଜି-୨୦ ଶିଖର ସମ୍ମିଳନୀରେ ଭାଗ ନେବା ପାଇଁ ବ୍ରାଜିଲର ରିଓ ଡି ଜେନେରିଓ ପହଞ୍ଚି ଯାଇଛି । ମୁଁ ଶିଖର ସମ୍ମିଳନୀର ବିଚାର-ବିମର୍ଷ ଓ ବିଭିନ୍ନ ବିଶ୍ୱ ନେତାଙ୍କ ସହ ସାର୍ଥକ ଆଲେଚନା କରିବାର ଆଶା ରଖୁଛି ।

# ବାଂଲାଦେଶରେ ବଢ଼ିଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

**ଢାକା,୧୮।୧୧(ଏଜେନ୍ସି):** ବାଂଲାଦେଶକୁ ନାକେଦମ କଲାଣି ଡେଙ୍ଗୁ । ଦେଶର ଅଧିକାଂଶ ହସ୍ପିଟାଲରେ ବଢ଼ିଚାଲିଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା । ଏଯାଏଁ ୭୮ ହଜାରରୁ ଉର୍ଦ୍ଧ୍ୱ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେଲେଣି । ପାଣିପାଗ ପରିବର୍ତ୍ତନ ଯୋଗୁଁ ବାଂଲାଦେଶରେ ବଢ଼ିଯାଇଛି ମଶାଙ୍କ ପ୍ରାଦୁର୍ଭାବ । ବର୍ତ୍ତମାନ ସୁଦ୍ଧା ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ ଲୋକେ ଡେଙ୍ଗୁରେ ପ୍ରାଣ ହରାଇ ସାରିଲେଣି । କେବଳ ନଭେମ୍ବର ମାସରେ ଡେଙ୍ଗୁରେ ଚିକିତ୍ସିତ ହେଉଛନ୍ତି ୪ ହଜାର ୧୭୩ ରୋଗୀ । ରାଜଧାନୀ ଢାକାରେ ଅଛନ୍ତି ୧୮୩୫ ରୋଗୀ । କାହିଁକି ବାଂଲାଦେଶରେ ହଠାତ୍ ବଢ଼ିଯାଇଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା । ଏହାର କାରଣ ହେଉଛି ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅକ୍ଟୋବରରେ ଅଦିନିଆ ବର୍ଷା ।ଯାହାକି ମଶାଙ୍କ ବଂଶବୃଦ୍ଧି କରିବାରେ ସହାୟକ ହୋଇଥାଏ । ଗତବର୍ଷ ବାଂଲାଦେଶରେ ଡେଙ୍ଗୁରେ ୧୭୦୫ ମୃତ୍ୟୁ ହୋଇଥିବାବେଳେ ୩ ଲକ୍ଷରୁ ଉର୍ଦ୍ଧ୍ୱ ସଂକ୍ରମିତ ହୋଇଥିଲେ । ପ୍ରତିଦିନ ହଜାର ହଜାର



ସଂଖ୍ୟାରେ ହସ୍ପିଟାଲରେ ଡେଙ୍ଗୁ ରୋଗୀ ଭର୍ତ୍ତି ଯୋଗୁଁ ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି । ଲୋକଙ୍କୁ ମଶା ଦାଉରୁ ରକ୍ଷା ପାଇଁ ମଶାରୀ ଟାଙ୍ଗି ଶୋଇବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । ସେହିପରି ଆଖପାଖ ଅଞ୍ଚଳରେ ପାଣି ଜମା ନ ରଖିବାକୁ ଆଡଭାଇଜରୀ ଜାରି କରାଯାଇଛି । ଗ୍ରାମାଞ୍ଚଳ ଲୋକେ ଠିକ୍ ସମୟରେ ଚିକିତ୍ସା ନ କରାଉ ଥିବାରୁ ମୃତ୍ୟୁ ସଂଖ୍ୟା ବଢୁଥିବା ସ୍ୱାସ୍ଥ୍ୟ ବିଭାଗ କହିଛି । ଗୁରୁତର ନ ହେବା ପର୍ଯ୍ୟନ୍ତ ରୋଗୀ ପରୀକ୍ଷା କରାଉ ନଥିବାରୁ ଏଭଳି ସମସ୍ୟା ଦେଖାଦେଇଛି ।

# 'ଦ ସାବରମତି ରିପୋର୍ଟ'କୁ ମୋଦିଙ୍କ ପରେ ଶାହଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୧୮।୧୧(ଏଜେନ୍ସି):** ଅଭିନେତା ବିକ୍ରାନ୍ତ ମେସିଙ୍କ ଅଭିନୀତ ଚଳଚ୍ଚିତ୍ର 'ଦ ସାବରମତି ରିପୋର୍ଟ'କୁ ଗୃହମନ୍ତ୍ରୀ ଅମିତ ଶାହଙ୍କ ପ୍ରଶଂସା । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଫିଲ୍ମକୁ ନିଜର ସମର୍ଥନ ଜଣାଇ ପ୍ରସଂସା କରିଥିଲେ। ଏହି ଚଳଚ୍ଚିତ୍ର ୨୦୦୨ ମସିହାର ବହୁ ଚର୍ଚ୍ଚିତ ଗୋଧ୍ରା ଘଟଣା ଉପରେ ଆଧାରିତ । ଭାରତ ରାଜନୀତିରେ ବଡ଼ ବିବାଦୀୟ ଘଟଣା ମଧ୍ୟରୁ ଗୋଟିଏ ହେଉଛି ଗୋଧ୍ରା ଘଟଣା ।'ଦ ସାବରମତି ରିପୋର୍ଟ' ଚଳଚ୍ଚିତ୍ରରେ ବିକ୍ରାନ୍ତ ମେସି ଜଣେ ସାମ୍ବାଦିକଙ୍କ ଭୂମିକାରେ ଅଭିନୟ କରିଛନ୍ତି ।ଏହି ସିନେମା ରିଲିଜ ହେବା ମାତ୍ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସମର୍ଥନ ଜଣାଇଥିଲେ । ଏକ ପୋଷ୍ଟ ଶେୟାର କରିବା ସହ ଏଭଳି ଚଳଚ୍ଚିତ୍ର ଦ୍ୱାରା ସତ୍ୟ କଥା ଲୋକ ଲୋଚନକୁ ଆସୁଥିବା କହିଥିଲେ । ଭୁଲ କାହାଣୀ ବା ଏବଂ ମିଛ କେବଳ ସୀମିତ ସମୟ ପାଇଁ, ହେଲେ ଶେଷରେ ସତ ପଦାକୁ ଆସେ ବୋଲି ପ୍ରଧାନମନ୍ତ୍ରୀ ଲେଖିଥିଲେ । ଏହି କ୍ରମରେ ଆଜି ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ



ଏହି ଫିଲ୍ମକୁ ନିଜର ସମର୍ଥନ ଜଣାଇ ଏକ୍ସରେ ଏକ ପୋଷ୍ଟ ଶେୟାର କରିଛନ୍ତି । ଶାହ ଶେୟାର କରିଥିବା ପୋଷ୍ଟରେ ଲେଖିଛନ୍ତି, 'ଏକ ଶକ୍ତିଶାଳୀ ଇକୋସିଷ୍ଟମ କେତେ ବି କଠିନ ଚେଷ୍ଟା କରୁ, କିନ୍ତୁ ଏହା ସତ୍ୟକୁ ସବୁଦିନ ପାଇଁ ଅନ୍ଧାରରେ ଲୁଚାଇ ପାରିବନାହିଁ । ଦ ସାବରମତି ରିପୋର୍ଟ ଚଳଚ୍ଚିତ୍ର ଏହି ଇକୋସିଷ୍ଟମକୁ ଅତୁଳନୀୟ ସାହସ ସହିତ ଦର୍ଶାଉଛି ।'ପ୍ରକାଶ ଥାଉ, ୨୭ ଫେବୃଆରୀ ୨୦୦୨ରେ ଘଟିଥିବା ଗୋଧ୍ରା ଅଗ୍ନିକାଣ୍ଡ ଘଟଣା ଉପରେ ଚଳଚ୍ଚିତ୍ର 'ଦ ସାବରମତି ରିପୋର୍ଟ' ଆଧାରିତ । ଅଯୋଧ୍ୟାରୁ ଫେରୁଥିବା ସାବରମତି ଏକ୍ସପ୍ରେସରେ ଯାତ୍ରା କରୁଥିବା କର ସେବାୟତଙ୍କ ବଗିରେ ଗୁଜରାଟର ଗୋଧ୍ରାଠାରେ ନିଆଁ ଲଗାଇଦିଆଯାଇଥିଲା । ଏହି ହୃଦୟବିଦାରକ ଘଟଣାରେ ୫୯ ଜଣଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ୨୮ ଫେବୃଆରୀରୁ ଗୁଜରାଟରେ ଭୟଙ୍କର ସାମ୍ପ୍ରଦାୟିକ ଦଙ୍ଗା ଆରମ୍ଭ ହୋଇଥିଲା । ଯେଉଁଥିରେ ପ୍ରାୟ ୧୦୦୦ ଲୋକ ପ୍ରାଣ ହରାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେତେବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ ।

# ତେଲେଙ୍ଗାନା ମନ୍ଦିର ପରିସରରେ ବିସ୍ଫୋରଣ

**ହାଇଦ୍ରାବାଦ,୧୮।୧୧(ଏଜେନ୍ସି):** ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାର ମାଇଲାରଦେବପଲ୍ଲୀ ଥାନା ଅଂଚଳରେ ଥିବା ଏକ ମନ୍ଦିର ପରିସରରେ ସୋମବାର ଏକ ଭୟାବହ ବିସ୍ଫୋରଣ ଘଟିଛି । ଏଥିରେ ଜଣେ ସେବାୟତ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ମାଇଲାରଦେବପଲ୍ଲୀ ଥାନା ଅନ୍ତର୍ଗତ ଲକ୍ଷ୍ମୀଗୁଡ଼ା ରୋଡରେ ଥିବା ଏକ ମନ୍ଦିର ନିକଟରେ ଏହି ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ମନ୍ଦିର ପରିସର ସଫା କରୁଥିବା ଜଣେ ସେବାୟତ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ବିସ୍ଫୋରଣ ପରେ ମାଇଲାରଦେବପଲ୍ଲୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୁଲିସ ଓ ବୋମା ନିଷ୍କ୍ରିୟକାରୀ ଦଳକୁ ଡକାଇଥିଲା । କେଉଁ ସ୍ଥାନରେ



ବିସ୍ଫୋରଣ ଘଟିଛି ସେ ନେଇ ଉଭୟ ଟିମ୍ ତଦନ୍ତ ଜାରି ରଖିଛନ୍ତି । ଏସିପି ରାଜେନ୍ଦ୍ର ନାଗର କହିଛନ୍ତି, ମାଇଲାରଦେବପଲ୍ଲୀ ଥାନା ଅନ୍ତର୍ଗତ ଲକ୍ଷ୍ମୀଗୁଡ଼ା ରୋଡରେ ଥିବା ଏକ ମନ୍ଦିର ନିକଟରେ ଏହି ବିସ୍ଫୋରଣ ଘଟିଛି । ମନ୍ଦିର ପୂଜକ ମନ୍ଦିର ନିକଟରେ ଥିବା ପରିସରସଫା କରୁଥିବା ବେଳେ ଏହି ଘଟଣା ଘଟିଛି । ବିସ୍ଫୋରଣରେ ମନ୍ଦିର ପୂଜକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ତଦନ୍ତ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ନୂଆପଡା,(ନି.ପ୍ର):** ନୂଆପଡା ଜିଲ୍ଲା କୋମନା ବ୍ଲକ ସ୍ଥିତ ନୂତନ ବ୍ଲକ କାର୍ଯ୍ୟାଳୟ ପରିସରମଧ୍ୟରେ ଭୀମଭୋଇ ଭୀନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ମୁଖ୍ୟ ଅତିଥି ଭାବେ କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧରଣୀଧର ସେନାପତି, ଜିଲ୍ଲା ପରିଷଦ ସଭ୍ୟ ଅବନିରଞ୍ଜନ ଯୋଶୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ଅଧିକାରୀ ଅନନ୍ତ ଚରଣ ହେମ୍ବ୍ରମ, ବ୍ଲକ ଉପାଧକ୍ଷ୍ୟ ଜୟଦେବ ପ୍ରଧାନ, ଏବିଡିଓ ଭକ୍ତବନ୍ଧୁ ବୁଡ଼େକ, ଦିବ୍ୟାଙ୍ଗ ସଂଗଠନ ସଭାପତି ଭକ୍ତବନ୍ଧୁ ଧରୁଆ, ଡାକ୍ତର ଭଗବାନ ସେଠୀ, ଡା. ଶିବାଙ୍ଗିନୀ ରଥ, ଡ଼ଃ ଅନୁଜ ମେହେର, ଡ଼ଃ. ମନୋଜ କୁମାର ସାହୁ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡ଼ଃ ବିପୁଳ ଗର୍ଗ, ଭିନ୍ନକ୍ଷମ ଜିଲ୍ଲା ସଭାପତି ଅଚ୍ୟୁତାନନ୍ଦ ସୁନାନୀ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀ, ସରପଞ୍ଚ, ଅଙ୍ଗନବାଡ଼ି, ଆଶାକର୍ମୀ ସହ ଶହ ଶହ ସଂଖ୍ୟାରେ ଦିବ୍ୟାଙ୍ଗ ହିତାଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା ହିତାଂଶୁ ଶେଖର ସାମଲ



ସଭାପତିତ୍ୱରେ ମଞ୍ଚ ପରିଚାଳିତ ହୋଇଥିଲା। ଏହି ଶିବିରରେ ଚକ୍ଷୁ ବିଭାଗରେ ୩୪ଜଣ, ଅସ୍ଥିଶଲ୍ୟ ୧୭୦ଜଣ, ଶ୍ରବଣ ବାଧିତ ୩୧ଜଣ, ସିକଲ ସେଲ ୧୬ ଜଣ, ମାନସିକ ଦୁର୍ବଳ ୨୪ଜଣ, ପେନସନ ୯ ଜଣ, ଡିଆରଆଇ ରଣ ୪୮ଜଣ, ବସ ପାସ ୭୩ଜଣ ଅନ୍ୟାନ୍ୟ ୨ ଜଣକୁ ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ମାନେ ଆମ ସମାଜର ଏକ ଅଂଶ। ସେମାନେ ସବୁ କ୍ଷେତ୍ରରେ ପାରଙ୍ଗମ ଅଟନ୍ତି। ସେମାନଙ୍କୁ ସରକାର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି ବୋଲି ଅତିଥି ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଅଟେ। ଭଗବାନଙ୍କ ସୃଷ୍ଟିରେ ଜଣେ ମଣିଷର ଯେ କୌଣସି ଗୋଟିଏ ଅଙ୍ଗ ପ୍ରତ୍ୟଙ୍ଗର ଅସାମର୍ଥ୍ୟ ବା ଅକ୍ଷମତା ପ୍ରକାଶ ବା ଅନୁଭବ ହେଲେ ଆମେ ତାକୁ ଭିନ୍ନ କ୍ଷମ ବୋଲି କହିଥାଉ। ସେହି ଭିନ୍ନକ୍ଷମ ମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି। ଏହା ଦ୍ୱାରା ସେମାନେ ସମାଜର ମୁଖ୍ୟ ସ୍ରୋତ ସହ ସାମିଲ ହୋଇ ପାରିବେ ଓ ସମାଜରେ ସେମାନଙ୍କର ଅଧିକାର ସୁରକ୍ଷା ହୋଇ ରହିବ ତେଣୁ ସମସ୍ତେ ସେମାନଙ୍କ ଉନ୍ନତି ପାଇଁ ଚେଷ୍ଟିତ ହେବା ଦରକାର। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଏସଏସଓ କୋମନା, ସହ ଦୁଃଖନାଶନ ଭୋଇ, ସୀତାକାନ୍ତ ବନଗୋଲା, ରଞ୍ଜୁ ସରାଫ, ସହ ଅନ୍ୟାନ୍ୟ ପଦାଧିକାରୀ ସହଯୋଗ କରିଥିଲେ।

# ଡିଏଭି କଳିଙ୍ଗନଗର ପକ୍ଷରୁ ବାର୍ଷିକ ପ୍ରକଳ୍ପ 'ଇପିଫନିସ୍' ପ୍ରଦର୍ଶିତ



**ଭୁବନେଶ୍ୱର,୧୮।୧୧ (ମହାଭାରତ):** ଛାତ୍ରଛାତ୍ରୀମାନଙ୍କ ଲୁକ୍‌କାୟିତ ପ୍ରତିଭାର ପରିସ୍ଫୁଟନ ନିମନ୍ତେ ଡିଏଭି କଳିଙ୍ଗନଗରରେ ତୃତୀୟ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପ୍ରକଳ୍ପ 'ଇପିଫନିସ୍' ପ୍ରଦର୍ଶିତ ହୋଇଯାଇଛି। ଏହାକୁ ଭୁବନେଶ୍ୱରସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ଭୁବନେଶ୍ୱର ନିର୍ଦ୍ଦେଶକ ଡ. ଯଶୋବନ୍ତ ଜେନା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାରେ ଏହା ଏକ ମାଧ୍ୟମ ବୋଲି କହିଥିଲେ। ଏହି ପ୍ରଦର୍ଶନୀରେ ୪୦୦ରୁ ଉର୍ଦ୍ଧ୍ୱ ପିଲାଙ୍କ ଦ୍ୱାରା ୧୪ଟି ବିଷୟରେ ପ୍ରସ୍ତୁତ ହୋଇଥିବା ୨୧୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପକୁ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ଚେୟାରମ୍ୟାନ ମଦନ ମୋହନ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ପିଲାମାନଙ୍କୁ ବିଜ୍ଞାନମନସ୍କ ହେବା ପାଇଁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଷୟ ବିଷାରଦ ମାନଙ୍କ ଦ୍ୱାରା ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରାଯାଇ ମୂଲ୍ୟାଙ୍କନ କରାଯାଇଥିଲା। ଅଧ୍ୟକ୍ଷ ବଳରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରକଳ୍ପ ପ୍ରଦର୍ଶନୀକୁ ଅଭିଭାବକମାନେ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କ ପ୍ରଚେଷ୍ଟାକୁ ଭୂରି ଭୂରି ପ୍ରଶଂସା କରିଥିଲେ।

## ପ୍ରଦୂଷଣ ନିୟମ ଉଲଙ୍ଘନ
## ଦୁର୍ଗା ରାଇସ ମିଲକୁ କାରଣ ଦର୍ଶାଅ ନୋଟିସ



**ରେଙ୍ଗାଲି,(ନିପ୍ର):** ସମ୍ବଲପୁର ଜିଲାର ରେଙ୍ଗାଲି ନିକଟସ୍ଥ ନୁଆଁ ରମ୍ଭେଲା ରାସ୍ତା ପାର୍ଶ୍ୱରେ ଥିବା ଦୁର୍ଗା ରାଇସ୍ ମିଲ୍ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ଧାର୍ଯ୍ୟ ନିୟମ ତଥା ଗାଇଡ୍ ଲାଇନ୍‌ର ଉଲଙ୍ଘନ କରି ମିଲ୍ ଚଲାଉଥିବାରୁ ପ୍ରଦୁଷଣ ସମସ୍ୟା ଦେଖାଦେଇଛି। ସମ୍ବଲପୁର ଆଞ୍ଚଳିକ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ବିଶେଷଜ୍ଞ ଦଳ ରାଇସ୍ ମିଲ୍ ପରିଦର୍ଶନ ସମୟରେ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ନୀତି ନିୟମ ଉଲଙ୍ଘନ କରାଯାଇ ମିଲ୍ ଚାଲୁଥିବାର ଦେଖି ଏହି ରାଇସ୍ ମିଲକୁ କାହିଁକି ବନ୍ଦ କରାଯିବ ନାହିଁ ତହିଁର ଜବାବ ଦାଖଲ କରିବା ପାଇଁ ବୋର୍ଡ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

# ଶିକ୍ଷକ ନିଯୁକ୍ତିରେ ଚଞ୍ଚକତା,ତଦନ୍ତ ଦାବି

**ନିଶ୍ଚିନ୍ତକୋଇଲି,(ନିପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। କଟିକଟା ଗ୍ରାମପଞ୍ଚାୟତ ରାମରାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ଶୂନ୍ୟ ହୋଇ ପଡିବା ପରେ ଏହି ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଥିଲା। ଏଠାରେ କାର୍ଯ୍ୟ କରୁଥିବା ଲେବୁଲ-୪ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ସାମଲଙ୍କୁ ପାଟସୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଥିଲା। ମାତ୍ର ଏହି ବିଦ୍ୟାଳୟରେ ତାଙ୍କର ପଦବୀ ନଥିବା କାରଣରୁ ତାଙ୍କୁ ବ୍ଲକ ଶିକ୍ଷାଧିକାରୀ ପାରସାଇଲୋ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟକୁ ୨୦୨୪ ସେପ୍ଟେମ୍ବର ମାସରେ କ୍ଲସଟେକ ଆଦେଶ ଦେଇଥିଲେ। ମାତ୍ର ଏହି ଉର୍ଦ୍ଧ୍ୱ ବିଦ୍ୟାଳୟରେ ଗତ ୨୦୨୨ ମସିହାରୁ ପଦୋନ୍ନତି ପାଇଥିବା ଲେବୁଲ-୪ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନାଥଶର୍ମା କାର୍ଯ୍ୟ କରିଆସୁଛନ୍ତି। ଏଠାରେ ପ୍ରଶ୍ନ ଉଠେ ଏହି ବ୍ଲକର ବହୁ ବିଦ୍ୟାଳୟରେ ଲେବୁଲ-୪ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିଲା ବେଳେ ଜଣେ ବରିଷ୍ଠ ପ୍ରଧାନ ଶିକ୍ଷକଙ୍କୁ ଗୋଟିଏ ବିଦ୍ୟାଳୟରେ ଜଣେ କନିଷ୍ଠ ପ୍ରଧାନଶିକ୍ଷକଙ୍କ ଅଧିନରେ କାର୍ଯ୍ୟକରିବାକୁ ପଡୁଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗରେ ଏଭଳି ବିଚିତ୍ର ଅବସ୍ଥା ସୃଷ୍ଟି ହୋଇଥିଲା। ଯେତେବେଳେ କି ୩ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଭାନୁମତୀ ସେଠ, ଦେବୀପ୍ରଭା ଦାଶ ଓ ମଳୟ କୁମାର ମଲ୍ଲ ଜଣେ ଜଣେ ସହକାରୀ ଶିକ୍ଷକଙ୍କ ଅଧିନରେ ଦୁଇ ଦୁଇ ବର୍ଷ ଧରି କାର୍ଯ୍ୟକରି ଆସୁଥିଲେ। ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ଏହି ବ୍ଲକରେ ଗୋଟିଏ ଦୁଇଟି ବିଦ୍ୟାଳୟରେ ୫ଟି ପିଲା ଥିଲା ବେଳେ ସେହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯାଇଛି। ମାତ୍ର ଏହି ବ୍ଲକର ବହୁ ବିଦ୍ୟାଳୟରେ ଅଧିକ ଶିକ୍ଷକ ରହିଥିଲେ ମଧ୍ୟ ଏହି ଉଚ୍ଚ ପ୍ରାଥମିକ କିମ୍ବା ପ୍ରାଥମିକ ବିଦ୍ୟାଳୟରେ ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇନଥିବାର ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ସରକାରଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକରେ ଗତ ଅକ୍ଟୋବର ମାସରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକ ପଦବୀ ଛାତ୍ର ଛାତ୍ରୀଙ୍କ ଅନୁପାତରେ ପୁରଣ କରାନଯାଇ ମନମୁଖି ଭାବେ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ମନମୁଖି ନିଯୁକ୍ତି ଶିକ୍ଷା ବିଭାଗ ତରଫରୁ କରାଯାଇଥିବାର ଅଭିଯୋଗ ହୋଇଛି। ଏଥିରେ ଶିକ୍ଷାବିଭାଗର କେତେକ ବରିଷ୍ଠ ପଦାଧିକାରୀ ସାମିଲ ଥିବାର ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ଜାଲିଆତିର ପର୍ଦ୍ଦାଫାସ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଦେଖାଯାଏ ୨ଶହ/୩ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବିଦ୍ୟାଳୟରେ ୫ରୁ୬ଜଣ ଶିକ୍ଷକ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଛି। ଏପରିସ୍ଥଳେ ୫୦ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବିଦ୍ୟାଳୟରେ ପୂର୍ବରୁ ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି। ପୁନର୍ବାର ଏହି ବିଦ୍ୟାଳୟରେ ୩ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବାର ଜଣାଯାଇଛି। ଫଳରେ ୫୦ଜଣ ଛାତ୍ର ଛାତ୍ରୀଙ୍କୁ ଅଧ୍ୟୟନ ନିମନ୍ତେ ୭ଜଣ ଶିକ୍ଷକ ରହିଥିବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।ଏହି ବିଚିତ୍ର ଅବସ୍ଥା ପ୍ରତି ଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏହି ବ୍ଲକରେ ଛାତ୍ର ଛାତ୍ରୀ- ଶିକ୍ଷକ ଅନୁପାତରେ ସମ୍ଭବତ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଶିକ୍ଷକ ପଦବୀ ତାଲିକା ଠିକ୍ ଭାବେ ଉପସ୍ଥାପନ କରାଯାଇନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବାର ସାଧାରଣରେ କୁହାଯାଉଛି।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା



ନିଶ୍ଚିନ୍ତକୋଇଲି,୯/୧୧: ଆଜି ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହି ଗ୍ରାମର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୁଳମଣୀ ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ପ୍ରାକ୍ତନ ଶିକ୍ଷକ ଉତ୍ସବ ଚରଣ ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ବର୍ଷିୟାନ କବି ସଚ୍ଚିଦାନନ୍ଦ ମିଶ୍ର, ପ୍ରବୋଧ କୁମାର ସାମଲ, ଜିତେନ୍ଦ୍ର କୁମାର ଦାଶ, ଅୟସା କାନ୍ତ ତ୍ରିପାଠୀ, ସଞ୍ଜୁକ୍ତା ତ୍ରିପାଠୀ, ମହେନ୍ଦ୍ର କୁମାର ଦାସ, ଅଜିତ କୁମାର ଶତପଥି, ପ୍ରଣବ କୁମାର ମିଶ୍ର, ଚନ୍ଦନ କୁମାର ମିଶ୍ର, ଅମୀୟ କୁମାର ଶତପଥି, ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ, ନିଗମ ଚରଣ ଦାସ, ପ୍ରଭାକର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଶେଷରେ ତାଙ୍କର ଜ୍ୟେଷ୍ଠପୁତ୍ର ରବିନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଥରେ ପତିଆରା ଲଢେଇ

ନୂଆଦିଲ୍ଲୀ ୧୮।୧୧: କ୍ରିକେଟର ୩ ଫର୍ମାଟରୁ ଟେଷ୍ଟ ସଂପୂର୍ଣ୍ଣ ଭିନ୍ନ ଟେଷ୍ଟରେ ଯେଉଁ ରୋମାଞ୍ଚ, ତାହା ଅନ୍ୟ ଦୁଇ ଫର୍ମାଟରେ ନାହିଁ ପ୍ରତି ବଲ୍‌ରେ ଜଣେ ବ୍ୟାଟର ଦେଇଥାନ୍ତି। ନିଜ ଧୈର୍ଯ୍ୟର ପରୀକ୍ଷା ଜଣେ ବୋଲର ନିଜର କଳା କୌଶଳରେ ବ୍ୟାଟରଙ୍କ ଧୈର୍ଯ୍ୟ ଭଙ୍ଗ କରିବାର ପ୍ରୟାସ କରନ୍ତି ।

ବ୍ୟାଟର-ବୋଲରଙ୍କ ମଧ୍ୟରେ ଲଢ଼େଇକୁ କୁହାଯାଏ ବିୟୁଟି ଅଫ୍ ଟେଷ୍ଟ କ୍ରିକେଟ୍। ସମୟ ଅଭାବ ହେଉ କିମ୍ବା ଟି-ଟ୍ୱେଣ୍ଟିର ଦ୍ରୁତ ପ୍ରସାର, ବହୁ ମାତ୍ରାରେ ଦର୍ଶକଙ୍କୁ ଟେଷ୍ଟ ବିମୁଖ କରାଇଛି। ମାତ୍ର ୨୦୨୧ରେ ଗାବାରେ ଭାରତ ଐତିହାସିକ ବିଜୟ ପରେ ଭାରତୀୟ ପ୍ରଶଂସକଙ୍କ ବଢ଼ିଛି ଆଗ୍ରହ। ତେବେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ଦଳର ଶୋଚନୀୟ ପରାଜୟକୁ ସହଜରେ ଗ୍ରହଣ କରିପାରି ନାହାଁନ୍ତି ଫ୍ୟାନ୍ସ ।

ନଭେମ୍ବର ୨୨ରୁ ବର୍ଡର ଗାଭାସ୍କର ଟ୍ରଫି ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଟ୍ରଫି ପାଇଁ ମହାଲଢେଇ। ସର୍ବିଙ୍କ ଟାର୍ଗେଟ ବର୍ଡର ଗାଭାସ୍କର ଟ୍ରଫି। ବଢୁଛି କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା। କାରଣ ଏହା କେବଳ ସିରିଜ୍ ନୁହେଁ, ଲଢିବେ ବିଶ୍ୱ କ୍ରିକେଟର ଦୁଇ ଟେଷ୍ଟ ମହାଶକ୍ତି ୨୦୨୦-୨୧ରେ ଗାବାରେ ଜୋରଦାର ଲଢିଥିଲା ଭାରତ।



୨୦୨୪ ବର୍ଡ ଗାଭାସ୍କର ଟ୍ରଫି ବଢାଇଛନ୍ତି ଅନେକ ଉତ୍କଣ୍ଠା। ଘରୋଇ ଦଳକୁ ସାମ୍ନା କରିବାକୁ ଏଥର ରଣନୀତି ଟିକେ ହଟ୍‌କେ କେବଳ ପ୍ଲେୟାର ନୁହେଁ କୋଚ୍ ବି ଆକ୍ଟିଭ ମୁଡରେ ନେଟ୍ସରେ ଧୁମ ଝାଳ ବୁହାଉଛନ୍ତି ଖେଳାଳି।

ଅଷ୍ଟ୍ରେଲିଆ ଓ ଭାରତର ଦୁଇ କିମ୍ବଦନ୍ତୀ ଆଲାନ ବର୍ଡର ଏବଂ ସୁନୀଲ ଗାଭାସ୍କରଙ୍କ ନାମରେ ଆରମ୍ଭ ହୋଇଥିଲା। ବର୍ଡର-ଗାଭାସ୍କର ଟ୍ରଫି ଦିଲ୍ଲୀରେ ଖେଳାଯାଇଥିଲା। ଗୋଟିଏ ଟେଷ୍ଟକୁ ଜିତି ଭାରତ ୭ ୱିକେଟ୍‌ରେ ଜିତି ହାତେଇଥିଲା ଟ୍ରଫି। ସେବେଠାରୁ ଆୟୋଜନ ହେଉଛି। ଏହି ସିରିଜ ଗୋଟିଏ ଡ୍ର ରହିଥିବାବେଳେ ଅବଶିଷ୍ଟ ସିରିଜ ଜିତିବାରେ ସଫଳ ହୋଇଥିଲା ଅଷ୍ଟ୍ରେଲିଆ। ସବୁଠୁ ବଡ଼ କଥା ହେଉଛି ୨୦୧୬-୧୭ରୁ ଟ୍ରଫି ଭାରତରେ ରହିଛି। ଏଥର ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ପୂର୍ବରୁ ୨,୩ ଓ ୪ ମ୍ୟାଚ୍ ବିଶିଷ୍ଟ ସିରିଜ ଖେଳାଯିବାର ନଜିର ରହିଛି।

ଏଥର ୨୦୨୪-୨୫ ସିରିଜକୁ ୫ ମ୍ୟାଚ୍ ବିଶିଷ୍ଟ କରାଯାଇଛି। ପ୍ରଥମ ଟେଷ୍ଟ, ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ ପର୍ଥରେ ଗୋଟିଏ ଅଭ୍ୟାସ ମ୍ୟାଚ୍ ପରେ ପୁଣି ଡିସେମ୍ବର ୬ ତାରିଖରୁ ଆଡିଲେଡ୍‌ରେ (ଦିବାରାତ୍ର) ଦ୍ୱିତୀୟ ଟେଷ୍ଟ, ୧୪ରୁ ବ୍ରିସବେନରେ ଦ୍ୱିତୀୟ, ୨୬ରୁ ମେଲବର୍ଣ୍ଣରେ ଚତୁର୍ଥ ଏବଂ ଜାନୁଆରୀ ୩ରୁ ସିଡ୍‌ନୀରେ ପଞ୍ଚମ ଟେଷ୍ଟ ହେବାର କାର୍ଯ୍ୟକ୍ରମ ରହିଛି। ୨୦୨୦-୨୧ରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଗସ୍ତ କରି ୨-୧ରେ ଜିତିଥିଲା ସିରିଜ। ୨୦୨୨-୨୩ରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତରେ ଆସି ୨-୧ରେ ସିରିଜ ପରାଜିତ ହୋଇଥିଲା।ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି ଭାରତ। ନମ୍ବର ୱାନ ପୋଜିସନରେ ଟିମ୍ ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆର ପରସେଣ୍ଟେଜ ପଏଣ୍ଟ ୬୨.୫୦ ରହିଥିବାବେଳେ ଭାରତର ଅଛି ୫୮.୩୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ଖେଳିବାକୁ ହେଲେ ଦଳକୁ ୪-୦ କିମ୍ବା ୫-୦ରେ ବର୍ଡର-ଗାଭାସ୍କର ସିରିଜ ଜିତିବାକୁ ପଡ଼ିବ। ଯାହାକୁ ଅତ୍ୟନ୍ତ କଷ୍ଟସାଧ୍ୟ ବୋଲି ଅନୁମାନ କରାଯାଉଛି। ଫଳରେ ଭାରତର ପରସେଣ୍ଟେଜ ପଏଣ୍ଟ ୬୫ ହୋଇପାରିବ। ଯଦି ଭାରତ ହାରେ ତେବେ ଶ୍ରୀଲଙ୍କା କିମ୍ବା ଦକ୍ଷିଣ ଆଫ୍ରିକାକୁ ମିଳିପାରେ। ଏହି ଜନ୍ୟ ଯଦି ଭାରତ ୪-୦ କିମ୍ବା ୫-୦ରେ ସିରିଜ ଜିତିନପାରେ ତେବେ ଅନ୍ୟ ଦଳମାନଙ୍କର ଫଳାଫଳ ଉପରେ ଫାଇନାଲ ଖେଳିବାର ନିର୍ଭର କରିବ ଭାଗ୍ୟ। ଏ ସିରିଜ୍ ଭାରତୀୟ ଦଳ ପାଇଁ କର ବା ମର ଭଳି ରହିଛି। ପ୍ରତି ମ୍ୟାଚ୍ ନଜିତିଲେ ହାତଛଡା ହୋଇପାରେ ସୁଯୋଗ।

## ନ୍ୟୁଜିଲାଣ୍ଡ କ୍ରିକେଟରଙ୍କୁ ବଡ଼ ଝଟକା

ନୂଆଦିଲ୍ଲୀ, ୧୮।୧୧ (ମହାଭରାତ):ନ୍ୟୁଜିଲାଣ୍ଡର ପୂର୍ବତନ ଦ୍ରୁତ ବୋଲର ଡଗ ବ୍ରେସଲେ କୋକେନ ବ୍ୟବହାରକୁ ନେଇ ପାଇଁ ନ୍ୟୁଜିଲାଣ୍ଡର ପୂର୍ବତନ ପେସ୍ ବୋଲର ଡଗ୍ ବ୍ରେସ୍‌ୱେଲ ଇତିମଧ୍ୟରେ କ୍ରିକେଟରୁ ୧ମାସ ବାସନ୍ଦ ଦଣ୍ଡ ଭୋଗି



ସାରିଛନ୍ତି। ମାତ୍ର ନ୍ୟୁଜିଲାଣ୍ଡ ସ୍ପୋର୍ଟ ଇଣ୍ଟିଗ୍ରିଟି କମିଶନ ସୋମବାର ପ୍ରଥମ ଥର ଏହା ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଚଳିତବର୍ଷ ଜାନୁଆରୀରେ ୱେଲିଂଟନ ବିପକ୍ଷ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ ଟି୨୦ ମ୍ୟାଚ ପରେ ୩୪ ବର୍ଷୀୟ ବ୍ରେସ୍‌ୱେଲଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ନିଆଯାଇଥିବା ନମୁନାରେ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା।

ବ୍ରେସ୍‌ୱେଲ ଏହି ମ୍ୟାଚରେ ପ୍ଲେୟର ଅଫ୍ ସି ମ୍ୟାଚ ବିବେଚିତ ହୋଇଥିଲେ ସେ ୨୧ରନ ବିନିମୟରେ ୨ଟି ଉଇକେଟ ନେଇଥିବା ବେଳେ ମାତ୍ର ୧୧ ବଲ୍‌ରୁ ୩୦ ରନ କରି ଅପରାଜିତ ରହିଥିଲେ। ଏଥିସହିତ ସେ ଦୁଇଟି ସୁନ୍ଦର କ୍ୟାଚ ମଧ୍ୟ ନେଇଥିଲେ। ସ୍ପୋର୍ଟ ଇଣ୍ଟିଗ୍ରିଟି କମିଶନ ଟେ କାହୁ ରାଉନୁଇ କହିଛନ୍ତି ନ୍ୟୁଜିଲାଣ୍ଡ ପକ୍ଷରୁ ୨୦ଟି ଟେଷ୍ଟରେ ପ୍ରତିନିଧି କରିଥିବା ବ୍ରେସ୍‌ୱେଲ ପ୍ରତିଯୋଗିତା ବାହାରେ କୋକେନ ସେବନ କରିଥିବାରୁ ଏହା ଖେଳ ସମ୍ପର୍କିତ ନୁହେଁ ଖବର ଅନୁସାରେ ବ୍ରେସ୍‌ୱେଲଙ୍କୁ ପ୍ରକୃତରେ ୩ ମାସ ବାସନ୍ଦ କରାଯାଇଥିଲା। ମାତ୍ର ଏକ ଟ୍ରିଟ୍‌ମେଣ୍ଟ ପ୍ରୋଗ୍ରାମ୍ ଶେଷ କରି ବା ପରେ ମିଆଦକୁ ଏକ ମାସ ହ୍ରାସ କରାଯାଇଥିଲା। ଏହା ପିଛିଲା ୨୦୨୪ ଏପ୍ରିଲରୁ ଲାଗୁ କରାଯାଇଥିଲା ।ବାସନ୍ଦ ଦଣ୍ଡ ଭୋଗି ସାରିଥିବାରୁ ବ୍ରେସ୍‌ୱେଲ ଏଣିକି ପୁନର୍ବାର କ୍ରିକେଟ ଖେଳିପାରିବେ।

## ଠକେଇ ମାମଲାରେ ଫସିଲେ ଗୌତମ ଗମ୍ଭୀର

ନୂଆଦିଲ୍ଲୀ, ୧୮।୧୧:ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ଅଡୁଆ। ଥମିବାର ନାଁ ଧରୁନି ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଏବଂ ଶ୍ରୀଲଙ୍କା ବିପକ୍ଷ ଦିନିକିଆ। ସିରିଜ ହାରିବା ପରେ ସେ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି ବର୍ତ୍ତମାନ ଦିଲ୍ଲୀ ହାଇକୋର୍ଟରେ ଏକ ଆଦେଶ ତାଙ୍କ ସମସ୍ୟାକୁ ବଢାଇ ଦେଇଛି ଘର କ୍ରେତାଙ୍କ ସହ ଠକେଇ ମାମଲାରେ ପୂର୍ବତନ କ୍ରିକେଟରଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଦିଲ୍ଲୀ ହାଇକୋର୍ଟ ନିମ୍ନ ଅଦାଲତର ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି।



ମାଜିଷ୍ଟ୍ରେଟ କୋର୍ଟ ଗମ୍ଭୀରଙ୍କୁ ଏହି ଦୋଷରୁ ମୁକ୍ତ କରିଥିଲେ, କିନ୍ତୁ ଦିଲ୍ଲୀ ହାଇକୋର୍ଟ ଏହି ଆଦେଶକୁ ସ୍ଥଗିତ ରଖିଛନ୍ତି ଜଷ୍ଟିସ ମନୋଜ କୁମାର ଓହିରି। ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରି ଅଧିବେଶନ କୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଗମ୍ଭୀରଙ୍କ ଆବେଦନ ଉପରେ ଦିଲ୍ଲୀ ସରକାରଙ୍କଠାରୁ ଜବାବ ମାଗିଥିଲେ। ମାଜିଷ୍ଟ୍ରେଟ (ନିମ୍ନ) ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ସେସନ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିସ୍ତୃତ ଆଦେଶ ପରେ ପାରିତ ହେବ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଅକ୍ଟୋବର ୨୯ ତାରିଖର ଆଦେଶରେ, ଅଧିବେଶନ କୋର୍ଟ କହିଛନ୍ତି ଯେ ମାଜିଷ୍ଟ୍ରେଟ କୋର୍ଟଙ୍କ ନିଷ୍ପତ୍ତି ଗମ୍ଭୀରଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ନିଷ୍ପତ୍ତି ନେବାରେ ମନର ଅନୁପଯୁକ୍ତ ଅଭିବ୍ୟକ୍ତି ପ୍ରତିଫଳିତ କରିଛି। ଏଥିରେ କୁହାଯାଇଛି ଯେ ଏହି ଅଭିଯୋଗରେ ଗମ୍ଭୀରଙ୍କ ଭୂମିକା ମଧ୍ୟ ଅଧିକ ଅନୁସନ୍ଧାନ କରାଯିବା ଉଚିତ। ଅଧିବେଶନ କୋର୍ଟ ଏହି ମାମଲାକୁ ମାଜିଷ୍ଟ୍ରେଟ କୋର୍ଟକୁ ପଠାଇ ଏକ ବିସ୍ତୃତ ନୂତନ ଆଦେଶ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫ୍ଲାଟ କ୍ରେତାମାନେ ରିଏଲ ଇଷ୍ଟେଟ ସଂସ୍ଥା ରୁଦ୍ର ବିଲ୍ଡୱେଲ ରିଅଲିଟି ପିଭି ଲିମିଟେଡ, ଏଚ ଆର ଇନଫ୍ରାସିଟି ପିଭି ଲିମିଟେଡ, ୟୁଏମ ଆର୍କିଟେକଚର ଆଣ୍ଡ କଣ୍ଟ୍ରାକ୍ଟର ଲିମିଟେଡ ଏବଂ ଗୌତମ ଗମ୍ଭୀରଙ୍କ ବିରୋଧରେ ଠକେଇ ମାମଲା ଦାୟର କରିଥିଲେ। ଏହି ସମସ୍ତ କମ୍ପାନୀର ମିଳିତ ଉଦ୍ୟମରେ ଗମ୍ଭୀର ନିର୍ଦ୍ଦେଶକ ଏବଂ ବ୍ରାଣ୍ଡ ଆମ୍ବାସାଡର ଥିଲେ।

## ଭାରତୀୟ ଦଳର ୪ ଖେଳାଳି ଆହତ

ପର୍ଥ, ୧୮।୧୧: ପର୍ଥ ଟେଷ୍ଟ ପୂର୍ବରୁ ଭାରତୀୟ ଦଳକୁ ଲାଗିଛି ଶକ୍ତ ଝଟ୍‌କା। ଦଳର ୪ ଷ୍ଟାର ଖେଳାଳିଙ୍କୁ ଲାଗିଛି। ଫଳରେ ଦଳର ସମସ୍ୟା ବଢ଼ିଯାଇଛି। ସେମାନଙ୍କ ଖେଳିବା ନେଇ ଆଶଙ୍କା ଦେଖାଦେଇଛି।

କହିବାକୁ ଗଲେ ପର୍ଥ ଟେଷ୍ଟ ପୂର୍ବରୁ ଭାରତୀୟ ଖେଳାଳିମାନେ। ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରୁଛନ୍ତି ଭାରତ ଏବଂ ଭାରତ-ଏ ଦଳ ମଧ୍ୟରେ ତିନି ଦିନିଆ। ଅଭ୍ୟାସ ମ୍ୟାଚ୍ ଖେଳାଯାଇଥିଲା। ଆଉ ଏହି ଅଭ୍ୟାସ ସମୟରେ ସମସ୍ତ ଚାରି ଖେଳାଳି ଆହତ ହୋଇଥିଲେ। ଅଭ୍ୟାସ ମ୍ୟାଚର ଦ୍ୱିତୀୟ ଦିନରେ ଶୁଭମାନ ଗିଲ ଆହତ ହୋଇଥିଲେ।

ଦ୍ୱିତୀୟ ସ୍ଲିପରେ କ୍ୟାଚ୍ ନେବାବେଳେ ଗିଲ ଆହତ ହୋଇଥିଲେ। ଗିଲଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା ଏବେ ସେ ପ୍ରଥମ ଟେଷ୍ଟ ମ୍ୟାଚରେ ଖେଳିବେନି। ସେହିଭଳି ଅଭ୍ୟାସ ମ୍ୟାଚ୍ ସମୟରେ



କେ.ଏଲ୍ ରାହୁଲ ମଧ୍ୟ ଆହତ ହୋଇଥିଲେ।ଦ୍ରୁତ ବୋଲର ପ୍ରସିଦ୍ଧ କିଷ୍ଣାଙ୍କ ଏକ ବଲ ତାଙ୍କ ଡାହାଣ କାନ୍ଧରେ ବାଜିଥିଲା। ଏହି କାରଣରୁ ତାଙ୍କୁ ପଡ଼ିଆ ଛାଡିବାକୁ ପଡିଲା।ରାହୁଲଙ୍କ ଆଘାତର ଗମ୍ଭୀରତା ଏପର୍ଯ୍ୟନ୍ତ ଜଣା ପଡିନାହିଁ । ତେବେ ପ୍ରଥମ ଟେଷ୍ଟ ପାଇଁ ସେ ଫିଟ୍ ହେବେ ବୋଲି ଅଶୋ କରାଯାଉଛି।

ଅନ୍ୟପଟେ ରାହୁଲଙ୍କ ପୂର୍ବରୁ ସରଫରାଜ ଖାନ ମଧ୍ୟ ଆହତ ହୋଇଥିଲେ। ଅଭ୍ୟାସ ସମୟରେ ସରଫରାଜ ଏକ କାନ୍ଧରେ ଆଘାତ ଲାଗିଥିଲା। ଭିଡିଓରେ ସରଫରାଜ ତାଙ୍କ କାନ୍ଧ ଧରି ବାହାରକୁ ଯାଉଥିବାର ନଜର ଆସିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସର୍ଫରାଜ ଏକ ମ୍ୟାଚରେ ୧୫୦ ରନ୍ ଇନିଂସ ଖେଳିଥିଲେ। ତାଙ୍କ ଆଘାତ ଦଳ ପାଇଁ ଏକ ବଡ ଝଟକା ହୋଇପାରେ। ପର୍ଥ ଟେଷ୍ଟରେ ସରଫରାଜଙ୍କ ଖେଳକୁ ନେଇ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି ।

ତେବେ ଆଶା କରାଯାଉଛି ଯେ ରାହୁଲଙ୍କ ପରି ସରଫରାଜ ମଧ୍ୟ ପର୍ଥ ଟେଷ୍ଟ ପାଇଁ ଫିଟ୍ ହେବେ। ଅନ୍ୟପକ୍ଷରେ ବିରାଟ କୋହଲିଙ୍କ ବିଷୟରେ ମଧ୍ୟ ସମାନ ଖବର ଆସିଛି। ଅଭ୍ୟାସ ମ୍ୟାଚ୍ ପୂର୍ବରୁ କୋହଲିଙ୍କୁ ସ୍କାନ ପାଇଁ ନିଆଯାଇଥିଲା, ତଥାପି ଭଲ କଥା ହେଉଛି କୋହଲି ସମ୍ପୂର୍ଣ୍ଣ ଫିଟ୍। ସେ କଳ୍ପନା ଜଳ୍ପନାର ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି।

## ଆୟରଙ୍କୁ କିଣିପାରେ କେକେଆର ଓ ଦିଲ୍ଲୀ

ନୂଆଦିଲ୍ଲୀ, ୧୮।୧୧: କୋଲକାତା ନାଇଟ ରାଇଡର୍ସ ଆଇପିଏଲ ୨୦୨୫ ପୂର୍ବରୁ ୬ ଜଣ ଖେଳାଳିଙ୍କୁ ରିଟେନ କରିଛି। କିନ୍ତୁ ଅଧିନାୟକ ଶ୍ରେୟସ ଆୟରଙ୍କୁ ରିଟେନ କରାଯାଇନାହିଁ। ତାଙ୍କୁ ରିଲିଜ୍ କରାଯାଇଛି। ବର୍ତ୍ତମାନ ପୂର୍ବତନ ଭାରତୀୟ କ୍ରିକେଟର ସୁନୀଲ ଗାଭାସ୍କର ଆୟରଙ୍କୁ ନେଇ ବଡ଼ ଭବିଷ୍ୟବାଣୀ କରିଛନ୍ତି। କେଉଁ ଦଳ ତାଙ୍କୁ କିଣି ପାରେ ବୋଲି ଗାଭାସ୍କର କହିଛନ୍ତି ।ଗାଭାସ୍କର କହିଛନ୍ତି ଯେ କେକେଆର୍ ଆୟରଙ୍କ ଉପରେ ଟେଣ୍ଡର କରିବା ଉଚିତ୍ ଯଦି ଏହା ନ ହୁଏ ତେବେ ଦିଲ୍ଲୀ କ୍ୟାପିଟାଲ୍ସ କିଣିପାରେ।

ଆଇପିଏଲ ୨୦୨୫ର ମେଗା ନିଲାମ ୨୪ଏବଂ ୨୫ ନଭେମ୍ବରରେ ଅନୁଷ୍ଠିତ ହେବ। ଷ୍ଟାର୍ ସ୍ପୋର୍ଟସ ଚ୍ୟାନେଲରେ ଆୟରଙ୍କ ବିଷୟରେ ଗାଭାସ୍କର କହିଛନ୍ତି, ଯେତେବେଳେ କେକେଆର୍ ଗତ ସିଜନରେ ଟାଇଟଲ ଜିତିଥିଲେ, ସେତେବେଳେ ଶ୍ରେୟସ ଆୟର ଅଧିନାୟକ ଥିଲେ ।ମୁଁ ଭାବୁଛି ଶ୍ରେୟସ ଆୟର ନିଲାମରେ ଆସିବା ପରେ କେକେଆର୍ ତାଙ୍କ ଉପରେ ଟେଣ୍ଡର କରିପାରେ। ଯଦି କେକେଆର୍ ଏହା ନ କରେ ତେବେ ଦିଲ୍ଲୀ କ୍ୟାପିଟାଲ୍ସ ଟେଣ୍ଡର କରିପାରେ ଦିଲ୍ଲୀର ଜଣେ ଅଧିନାୟକ ଦରକାର ଯଦି ରିଷଭ ପନ୍ତ ଦଳରେ ନାହାଁନ୍ତି ତେବେ ସେ ଆୟରଙ୍କୁ କିଣିବାକୁ ଚେଷ୍ଟା କରିପାରେ।

## ପାକିସ୍ତାନ ଗସ୍ତ ସରକାରଙ୍କ ଦାୟିତ୍ୱ : କପିଳଦେବ

ନୂଆଦିଲ୍ଲୀ, ୧୮।୧୧: ଆଇସିସି ଚମ୍ପିଅନ୍ସ ଟ୍ରଫି କେଉଁଠି ଖେଳାଯିବ ତାହା ସ୍ପଷ୍ଟ ହୋଇନାହିଁ ।ଏହାକୁ ନେଇ ବାଦ ବିବାଦ ଲାଗି ରହିଛି। ଚମ୍ପିଆନ୍ସ ଟ୍ରଫିକୁ ନେଇ ବିସିସିଆଇ ଓ ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟରେ ଚାଲିଥିବା ବିବାଦ ଭିତରେ ପୂର୍ବତନ କ୍ରିକେଟ କିମ୍ବଦନ୍ତୀ କପିଳ ଦେବଙ୍କ ବୟାନକୁ ନେଇ ଚର୍ଚ୍ଚା ହେଉଛି।



ଯଦି ଚମ୍ପିଆନ୍ସ ଟ୍ରଫି ନେଇ ପାକିସ୍ତାନରେ ଆୟୋଜିତ ହୁଏ ତେବେ ଭାରତ ପାକିସ୍ତାନ ଗସ୍ତ କରିବ କି ନାହିଁ ପ୍ରଶ୍ନରେ କପିଳ ଦେବ କହିଛନ୍ତି, ଏହା ସମ୍ପୂର୍ଣ୍ଣ ସରକାରଙ୍କ ନିଷ୍ପତ୍ତି ତାଙ୍କ ଦାୟିତ୍ୱ । ଯଦି ସେ କହିବେ ସବୁ ଠିକ ଅଛି ତେବେ ହଁ ସବୁ ଠିକ ଅଛି। ଆମ ପରି ଲୋକ ଏହାକୁ ନେଇ ମତାମତ ଦେଇପାରିବେ ନାହିଁ। ଆମ ମତ କିଛି ଗୁରୁତ୍ୱ ରଖେ ନାହିଁ କିପଳ ଦେବ କାହାଠୁ ବଡ ହୋଇ ପାରିବେ ନାହିଁ'। ଆଇସିସି ଚମ୍ପିଆନ୍ସ ଟ୍ରଫି ଟୁର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୬ ତାରିଖରୁ ଜାନୁଆରୀ ୨୬ ତାରିଖ ଯାଏ ଅଂଶଗ୍ରହଣକାରୀ ଦେଶ ଭ୍ରମଣ କରିବ ଟ୍ରଫି ଏହି କାର୍ଯ୍ୟକ୍ରମରେ ଟ୍ରଫିକୁ ପିଓକେ ନେବାକୁ ଯୋଜନା କରିଥିଲା ପାକିସ୍ତାନ ମାତ୍ର ବିସିସିଆଇର ଆପତ୍ତି ପରେ ଆଇସିସି ପାକିସ୍ତାନକୁ ତାଗିତ କରିଥିଲା କୌଣସି ବିବାଦୀୟ ସ୍ଥାନକୁ ଟ୍ରଫି ନନେବାକୁ ପାକିସ୍ତାନକୁ କଡା ଚେତାବନୀ ଦେଇଥିଲା ଆଇସିସି। ଏହା ପରେ ଟ୍ରଫି ଟୁରରୁ ପିଓକେକୁ ବାଦ୍ କରାଯାଇଥିଲା ଚମ୍ପିଆନ୍ସ ଟ୍ରଫି ତାରିଖ ମଧ୍ୟରେ ପାକିସ୍ତାନରେ ବୁଲିବ ।ଏହା ପରେ ଜାନୁଆରୀ ୧୫ରୁ ୨୬ ତାରିଖ ମଧ୍ୟରେ ଭାରତର ବିଭିନ୍ନ ସହର ଭ୍ରମଣ କରିବ ଚମ୍ପିଆନ୍ସ ଟ୍ରଫି।

### ସୟଦ ମୁସ୍ତାକ ଅଲି ଟ୍ରଫି

## ମୁମ୍ବାଇର ନେତୃତ୍ୱ ନେବେ ଆୟର, ଫେରିଲେ ଶ

ମୁମ୍ବାଇ, ୧୮।୧୧: ବିସିସିଆଇ ଘରୋଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫି ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ରବିବାର ମୁମ୍ବାଇ ଦଳ ଘୋଷଣା କରାଯାଇଛି। ରଣଜୀ ଟ୍ରଫିରେ ଦଳର ନେତୃତ୍ୱ ନେଉଥିବା ଅଜିଙ୍କ୍ୟ ରାହାଣେଙ୍କ ସ୍ଥାନରେ ଶ୍ରେୟାସ ଆୟରଙ୍କୁ ନୂଆ ଅଧିନାୟକ ନିଯୁକ୍ତ କରାଯାଇଛି। ପୃଥ୍ୱୀ ଶ ଦଳରେ ସ୍ଥାନ ପାଇଛନ୍ତି। ମାତ୍ର ୧୯ବର୍ଷରୁ କମ୍ ଭାରତୀୟ ଦଳର ଶିବିର ପାଇଁ ମନୋନୀତ ହୋଇଥିବା ଚର୍ଚ୍ଚିତ ଯୁବ ଓପନର ଆୟୁଷ ମାହତ୍ରେ ବାଦ୍ ପଡ଼ିଛନ୍ତି। ଭାରତୀୟ ଟି-ଟ୍ୱେଣ୍ଟି ଦଳ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନିଜ ଭଉଣୀ ବାହାଘର ପାଇଁ ପ୍ରାରମ୍ଭିକ ମ୍ୟାଚ୍ ଖେଳିବେନି। ଅନ୍ୟ ପଟରେ ଆହତ ଥିବା ଶିବମ ଦୁବେ, ମୁସିର ଖାନ, ତୁଷାର ଦେଶପାଣ୍ଡେ ମଧ୍ୟ ଦଳରୁ ବାଦ୍ ପଡ଼ିଛନ୍ତି । ମୁମ୍ବାଇ ଗ୍ରୁପ-ଇରେ ସ୍ଥାନ ପାଇଛି ଏବଂ ଆସନ୍ତା ୨୩ ତାରିଖରେ ଗୋଆ। ବିପକ୍ଷରେ ଅଭିଯାନ ଆରମ୍ଭ କରିବ ।



ଦଳ: ଶ୍ରେୟାସ ଆୟର (ଅଧିନାୟକ), ପୃଥ୍ୱୀ ଶ, ଅଙ୍ଗକ୍ରିସ୍ ରଘୁବଂଶୀ, ଜୟ ବିଷ୍ଟା, ଅଜିଙ୍କ୍ୟ ରାହାଣେ, ସିଦ୍ଧେଶ ଲାଡ୍, ସୂର୍ଯ୍ୟାଂଶ ସେଡଗେ, ସାଇରାଜ ପାଟିଲ, ହାର୍ଦ୍ଦିକ ଟାମୋରେ, ଆକାଶ ଆନନ୍ଦ, ସାମ୍ସ ମୁଲାନି, ହିମାଂଶୁ।

### ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି

## କ୍ରମାଗତ ପଞ୍ଚମ ବିଜୟ ସହ ଶୀର୍ଷରେ ଭାରତ

ରାଜଗିର, ୧୮।୧୧: ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ପୂର୍ବରୁ ସେମି ଫାଇନାଲ୍‌ରେ ପ୍ରବେଶ କରି ସାରିଥିବା ଭାରତ କ୍ରମାଗତ ପଞ୍ଚମ ବିଜୟ ସହ ପଏଣ୍ଟ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛି । ରବିବାର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଦଳ



୩-୦ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା । ଆସନ୍ତା ୧୯ ତାରିଖ ସେମି ଫାଇନାଲ୍ ଖେଳାଯିବ । ଭାରତ-ଜାପାନ ଏବଂ ଚୀନ-ମାଲେସିଆ। ସାମ୍ନାସାମ୍ନି ହେବେ ୨୦ ତାରିଖରେ ଫାଇନାଲ୍ ଏବଂ ତୃତୀୟ/ଚତୁର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ।

ଜାପାନ ବିପକ୍ଷ ମ୍ୟାଚ୍‌ରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ୨ଟି କ୍ୱାର୍ଟର ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟରେ ଗୋଲଶୂନ୍ୟ ରହିଥିଲା । ତୃତୀୟ କ୍ୱାର୍ଟରରେ ନବନୀତ କୌର (୩୭ମିନିଟ୍) ଭାରତର ଖାତା ଖୋଲିଥିଲେ। ଏହାପରେ ଚତୁର୍ଥ କ୍ୱାର୍ଟରରେ ଦୀପିକା ୪୭ ଓ ୪୮ମିନିଟ୍‌ରେ ୨ଟି ଗୋଲ୍ କରି ଦଳକୁ ଜିତାଇଥିଲେ । ଜାପାନ ଗୋଟିଏ ବି ଗୋଲ୍ ପରିଶୋଧ କରିପାରିନଥିଲା।

## ରୋହିତ ଶର୍ମାଙ୍କୁ ସମର୍ଥନ କଲେ ହେଡ୍

ନୂଆଦିଲ୍ଲୀ, ୧୮।୧୧: ବର୍ଡର-ଗାଭାସ୍କର ଟ୍ରଫି ୨୦୨୪ ନଭେମ୍ବର ୨୨ରୁ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ରୋହିତ ଶର୍ମା ଖେଳିବେ ନାହିଁ ବୋଲି ନିଶ୍ଚିତ କରିଛନ୍ତି। ତାଙ୍କ ସ୍ଥାନରେ ଜସପ୍ରୀତ ବୁମ୍‌ରାଙ୍କୁ ଟିମ ଇଣ୍ଡିଆର ଅଧିନାୟକ ନଜର ଆସିବେ। କହିରଖୁଛୁ ଯେ ରୋହିତ ଶର୍ମା ଦ୍ୱିତୀୟ ଥର ପାଇଁ ବାପା ହୋଇଛନ୍ତି, ତାଙ୍କ ପତ୍ନୀ ରିତିକା ସାଜଦେହ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି ।ରୋହିତ ତାଙ୍କ ପରିବାର ସହିତ ରହିବା ପାଇଁ ପର୍ଥରେ ଅନୁଷ୍ଠିତ ହେବାକୁ ଥିବା ଟେଷ୍ଟ ମ୍ୟାଚ ଖେଳିବେ ନାହିଁ ବର୍ତ୍ତମାନ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡ୍ କହିଛନ୍ତି ଯଦି ସେ ରୋହିତଙ୍କ ପରି ପରିସ୍ଥିତିରେ ଥାନ୍ତେ ତେବେ ସେ କଣ କରିଥାନ୍ତେ ?ଟ୍ରାଭିସ ହେଡ୍ କହିଛନ୍ତି ଯେ ଯଦି ସେ ରୋହିତ ଶର୍ମାଙ୍କ ସ୍ଥାନରେ ଥାଆନ୍ତେ, ତେବେ ସେ ବୋଧହୁଏ ସମାନ ନିଷ୍ପତ୍ତି ନେଇଥାନ୍ତେ।ଟ୍ରାଭିସ ହେଡ କହିଛନ୍ତି, ମୁଁ ରୋହିତଙ୍କ ନିଷ୍ପତ୍ତିକୁ ସମର୍ଥନ କରୁଛି। ଯଦି ମୁଁ ସମାନ ପରିସ୍ଥିତିରେ ଥାଆନ୍ତି, ତେବେ ମୁଁ ମଧ୍ୟ ସମାନ ନିଷ୍ପତ୍ତି ନେଇଥାନ୍ତି। କ୍ରିକେଟର ହୋଇଥିବାରୁ ଆମକୁ ଅନେକ ଜିନିଷ ବଳି ଦେବାକୁ ପଡିବ। ଆମେ ବିଳାସପୂର୍ଣ୍ଣ ଜୀବନ ବିତାଉ, କିନ୍ତୁ ଅନ୍ୟପଟେ ଯଦି ଆମେ ଦେଖିବା ତେବେ ଆମକୁ ଅନେକ ସ୍ମରଣୀୟ ଘଟଣାକୁ ହରାଇବାକୁ ପଡେ। ଆଶା କରୁଛି ସେ ଶୀଘ୍ର ସିରିଜକୁ ଫେରିବେ।

## ଆଇପିଏଲ ଢାଞ୍ଚାରେ ଗଞ୍ଜାମ କ୍ରିକେଟ ଲିଗ୍

ବ୍ରହ୍ମପୁର, ୧୮।୧୧: ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରେ ଏକ ଘୋରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଗଞ୍ଜାମ କ୍ରିକେଟ ଲିଗ୍ ସଙ୍ଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ଉପାଧକ୍ଷ ତଥା ବ୍ରହ୍ମପୁର ବିଧାୟକ କେ ଅନିଲ





କୁମାର, ସମ୍ପାଦକ ଚିତ୍ରସେନ ଘୋଷ, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ମହାରଣା, ବିବେକାନନ୍ଦ ପଟ୍ଟନାୟକ, ସାଂଗଠନିକ କମିଟି ସଦସ୍ୟ ସୁଭଜିତ କୁମାର ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି ଯେ, ଆଗାମୀ ୨୨ ତାରିଖରେ ଗଞ୍ଜାମ କ୍ରିକେଟ ଲିଗ୍ ନିଲାମୀ ହେବ ଓ ଡିସେମ୍ବର ୬ ତାରିଖରେ ଖଲ୍ଲିକୋଟ ଠାରେ ଏହାର ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହେବ ।

ପ୍ରଥମ ପର୍ଯ୍ୟାୟରେ ଖଲ୍ଲିକୋଟ ଆରସିଏମ କଲେଜ ଖେଳପଡିଆ। ଅନୁଷ୍ଠିତ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଛତ୍ରପୁର ଷ୍ଟାଡିୟମ୍, ପାଟପୁର କଲେଜ ଖେଳପଡିଆ ଓ ଶେଷରେ ବ୍ରହ୍ମପୁର ଷ୍ଟାଡିୟମ ଖେଳ ପଡିଆ। ଭଳି ପ୍ରମୁଖ ୪ଟି ଭେନ୍ୟୁରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ମିଳନୀରେ କୁହାଯାଇଛି । ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିବେ ଯଥା, ଆସ୍କା ଉଷ୍ଟେର୍ସ, ସୋରଡ଼ା ସ୍ମାସେରଶ, ଋଷିକୁଲ୍ୟା ରେଞ୍ଜର୍ସ, ଗଞ୍ଜାମ ଟାଇଗର, ପାଟପୁର ରୟାଲସ, ଖଲ୍ଲିକୋଟ ବିଜାର୍ଡସ, ବ୍ରହ୍ମପୁର ବୁଲ୍ସ, ଛତ୍ରପୁର ୱାରିଅର୍ସ ପ୍ରମୁଖ ଦଳ ଭାଗ ନେବାକୁ ଥିବା ବେଳେ ଏହି ଲିଗରେ ଜିଲ୍ଲାର ୧୬ ବର୍ଷର କମ୍ କ୍ରିକେଟ ଖେଳାଳି ଏଥିରେ ଅଂଶ ଗ୍ରହଣ କରି ପାରିବେ ନାହିଁ। ତେବେ ଗୋଟିଏ ଗୋଟିଏ ଦଳରେ ଫରେନ ଖେଳାଳି ତଥା ବାହାର ରାଜ୍ୟର ୪ଜଣ ଖେଳାଳି ଖେଳିବା ନେଇ ଧାର୍ଯ୍ୟ ହୋଇଥିବା ବେଳେ, ଏହି ଗଞ୍ଜାମ କ୍ରିକେଟ ଲିଗ ପ୍ରତିଯୋଗିତା ଏକ ପ୍ରକାର ଅଇେପିଏଲ ଢାଞ୍ଚାରେ ହେବା ନେଇ ସମ୍ପାଦକ ଶ୍ରୀ ଘୋଷ କହିଛନ୍ତି। ଏନେଇ ଆଜି ଉପସ୍ଥିତ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ଲିଗ୍ ର ଲୋଗୋ ଉନ୍ମୋଚିତ ହୋଇଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଏହି କ୍ରିକେଟ ଲିଗରେ ଅଧ୍ୟକ୍ଷ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଉପାଧକ୍ଷ ତଥା ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ବିଧାୟକ ରମେଶ ଚନ୍ଦ୍ର ଜେନା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କୋଷାଧକ୍ଷ ପ୍ରଦୀପ୍ତ କୁମାର ପଟ୍ଟନାୟକ ଓ ତାପସ ଆଚାର୍ଯ୍ୟାଙ୍କ ସମେତ ଅଶୋକ ସାହୁ ଓ ସୁଭ୍ରଜିତ କୁମାର ଆୟୋଜକ କମିଟି ଏବଂ ଟି.ଶିବାନନ୍ଦ ବର୍ମା, ରଜନୀକାନ୍ତ ରେଡ୍ଡୀ, ରାଜେଶ କୁମାର ପାତ୍ର ଏକଜିକ୍ୟୁଟିଭ ମେମ୍ବର ରୂପେ ରହିଥିବା ସୂଚନା ମିଳିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ